KOSHALA PRABAHA

କୋଶଳ ପ୍ରବାହ

Postal Regd.No.
BGR-02/2018-20


ବର୍ଷ - ୨୧ ■ ସଂଖ୍ୟା - ୦୬
Volum.-21 ■ Issue No.- 06
Sunday ■ Balangir
ରବିବାର ■ ବଲାଙ୍ଗିର

www.koshalaprabaha.com

R.N.I.No.: ODIODI/2000/03637 ● ୧୩ ଡିସେମ୍ବର - ୧୯ ଡିସେମ୍ବର ୨୦୨୦ ● 13 Dec. - 19 Dec. 2020 ● Odia Weekly ● 8 Pages, Rs.2/- only

## ବିଜେପି ଉପରେ ବର୍ଷିଲେ ଉଦ୍ଧବ : ପାକିସ୍ତାନରୁ ପିଆଜ, ଚିନି ଆଣୁଥିବା ବିଜେପି ସରକାର କ'ଣ ସେଠାରୁ କୃଷକ ବି ଆଣିବେ ?

ନୂଆଦିଲ୍ଲୀ : କୃଷକଙ୍କ ପ୍ରସଙ୍ଗରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ବିଜେପି ସରକାର ଉପରେ ବର୍ଷିଛନ୍ତି । ଉଦ୍ଧବ କହିଛନ୍ତି ଯେ, କୃଷକମାନେ ଦିନରାତି ଏଭଳି ଶୀତଦିନରେ ରାସ୍ତାରେ ଶୋଇଛନ୍ତି । ବିଜେପି ନେତାମାନେ ଏକାଠି ବିଚାର କରିବା ଉଚିତ୍ ଯେ, କୃଷକମାନେ ବାମପନ୍ଥୀ, ପାକିସ୍ତାନୀ ନା ସେମାନେ ଚାଇନାରୁ ଆସିଛନ୍ତି ? ଗୋଟିଏ କଥା ସେମାନେ ବୁଝିବା ଆବଶ୍ୟକ ଯେ, ସେମାନେ ଆମର କୃଷକମାନଙ୍କ ପ୍ରତି ଅନ୍ୟାୟ କରୁଛନ୍ତି ଏବଂ କୃଷକଙ୍କୁ ରା ?ଷ୍ଟ୍ରବିରୋଧୀ ବୋଲି ବି କହୁଛନ୍ତି । ଏହା ଆମର ସଂସ୍କୃତି ନୁହେଁ । ଆମ କୃଷକମାନଙ୍କ ସହ କଥାବାର୍ତ୍ତା କରିବା ପରିବର୍ତ୍ତ ? ବିଜେପି ସରକାର ସେମାନଙ୍କୁ ପାକିସ୍ତାନୀ, ଜାତୀୟ ବିରୋଧୀ ବୋଲି କହୁଛି । ସେ ଆହୁରି କହିଛ ?ନ୍ତି ଯେ, ବିଜେପି ପାକିସ୍ତାନରୁ ଚିନି ଏବଂ ପିଆଜ ଆଣୁଛି । ତେବେ ବର୍ତ୍ତମାନ ପାକିସ୍ତାନରୁ କୃଷକ ମଧ ଆଣିବ କି ବିଜେପି ?



## ବଲାଙ୍ଗିର ସହରର ୨୧ଟି ୱାର୍ଡରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ନିମନ୍ତେ ସଚେତନତା ସଭା ଓ ସଫେଇ କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ଆଜି ବଲାଙ୍ଗିର ମ୍ୟୁନିସିପାଲିଟି ପକ୍ଷରୁ ବଲାଙ୍ଗିର ସହରର ୨୧ଟି ୱାର୍ଡରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ନିମନ୍ତେ ସଚେତନତା ସଭା ଓ ସଫେଇ କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ପ୍ରଶାସକ, ବଲାଙ୍ଗିର ମ୍ୟୁନିସିପାଲିଟିଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ୱାର୍ଡରେ ଜଣେ ଲେଖାଏଁ ନୋଡ଼ାଲ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା । ଏହି ସବୁ କାର୍ଯ୍ୟର ତଦାରଖ ପାଇଁ ଖୋଦ୍ ଆଇଏସ୍ ପ୍ରେବେସନର୍ ତଥା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ମହାଜନ, ପିଡ଼ି, ଡିଆର୍‌ଡ଼ିଏ ସୁଦର୍ଶନ ସାଏ, ଉପଜିଲ୍ଲାପାଳ ସୁଧାକର ନାଏକ ବିଭିନ୍ନ ୱାର୍ଡର କାର୍ଯ୍ୟକ୍ରମକୁ ଯାଇଥିଲେ ।






ସୂଚନାଯୋଗ୍ୟ ଯେ, ଭାରତ ସରକାର ପ୍ରତ୍ୟେକ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣ ମାଧ୍ୟମରେ ଦେଶର ପ୍ରତ୍ୟେକ ସହରାଂଚଳକୁ ତାର ଜନସଂଖ୍ୟା ହିସାବରେ ଏବଂ ସେଠାରେ ପରିଚାଳିତ ସ୍ୱଚ୍ଛତା ଏବଂ ସୁନ୍ଦରତା କାର୍ଯ୍ୟକ୍ରମକୁ ତଦାରଖ କରି ର୍‌ୟାଙ୍କିଙ୍ଗ୍ ମାଧ୍ରମରେ ସହରକୁ ଉତ୍ସାହିତ କରିଥାନ୍ତି । ଦେଶରେ ୫ଟି ଜୋନ୍ ହୋଇଛି, ଯଥା - ଇଷ୍ଟର୍ଣ୍ଣ ଜୋନ୍, ୱେଷ୍ଟର୍ଣ୍ଣ ଜୋନ୍, ନର୍‌ଥେନ୍ ଜୋନ୍, ସାଉଥ୍‌ରେନ୍ ଜୋନ୍ ଏବଂ ଏନ୍‌ଇ ଜୋନ୍ । ଗତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ରେ ବଲାଙ୍ଗିର ସହର ଇଷ୍ଟର୍ଣ୍ଣ ଜୋନ୍‌ର ଏକ ଲକ୍ଷ ବିଶିଷ୍ଟ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ୨୬ ନଂ. ର୍‌ୟାଙ୍କିଙ୍ଗ୍‌ରେ ରହିଥିଲା ଏବଂ ରାଜ୍ୟରେ ବଲାଙ୍ଗିର ମ୍ୟୁନିସିପାଲିଟିର ର୍‌ୟାଙ୍କିଙ୍ଗ୍ ଥିଲା ୧୧ ନମ୍ବର । ତେବେ ଚଳିତ ବର୍ଷ ଏହି ସବୁ ଉପାଦାନକୁ ଲକ୍ଷ୍ୟ କରି ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ବଲାଙ୍ଗିର ମ୍ୟୁନିସିପାଲିଟିର ର୍‌ୟାଙ୍କିଙ୍ଗ୍‌କୁ ଆହୁରି ସୁଦୃଢ଼ କରି ୧ରୁ ୫ ର୍‌ୟାଙ୍କିଙ୍ଗ୍‌କୁ ଆଣିବା ପାଇଁ ଆଜିର କାର୍ଯ୍ୟକ୍ରମ ସବୁ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି । ଜନସାଧାରଣଙ୍କୁ ଜଡ଼ିତ କରିବା ଏବଂ ସ୍ୱଚ୍ଛତା ଆପ୍‌ରେ ଜନସାଧାରଣଙ୍କ ଫିଡ୍‌ବେକ୍ ଓ ସଜେସନ୍‌କୁ କାର୍ଯ୍ୟକାରୀ କରି ବଲାଙ୍ଗିର ମ୍ୟୁନିସିପାଲିଟି ଅଂଚଳର ସ୍ୱଚ୍ଛତା ଏବଂ ସୁନ୍ଦରତାକୁ ପ୍ରାଥମିକତା ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଆଜିକାର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଡବ୍ଲ୍ୟୁଏସ୍‌ଏଚ୍‌ଜି, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପର୍‌ଭାଇଜର୍, ସଫେଇ କର୍ମୀ, ଜୁନିଅର୍ ସେନିଟେସନ୍ ଏକ୍ସପର୍ଟ ସମସ୍ତେ ଯୋଗ ଦେଇଥିଲେ ।



## ଲୋକ କଳାକାର ମାନଙ୍କ ପ୍ରତି ଅବହେଳା କରୁଛନ୍ତି ରାଜ୍ୟ ସରକାର : ଗୁରୁଶ୍ରୀ ଡ. ଘାସିରାମ ମିଶ୍ର



ବଲାଙ୍ଗିର, (ନିପ୍ର) : ଲୋକ କଳାକାରମାନଙ୍କ ପ୍ରତି ରାଜ୍ୟ ସରକାର ଅବହେଳା କରୁଛନ୍ତି । ଲୋକ କଳାକୁ ବୃତ୍ତି କରି ଜୀବନ ନିର୍ବାହ କରୁଥିବା କଳାକାରମାନେ କରୋନା ସଂକ୍ରମଣ ଜନିତ କଟକଣା ଯୋଗୁଁ ହାତବାନ୍ଧି ବସିଛନ୍ତି । ଦୀର୍ଘ ୧୧ ମାସ ହେଲା ଲୋକ କଳା ପ୍ରଦର୍ଶନ ବନ୍ଦ ହୋଇ ରହିଛି । ବିବାହ ବ୍ରତ ଆଦି ଉତ୍ସବ, ଯାନିଯାତ୍ରାରେ ସରକାରଙ୍କ କରୋନା କଟକଣା ଯୋଗୁଁ ଲୋକ କଳା ପ୍ରଦର୍ଶନର ସୁଯୋଗ ନଷ୍ଟ ହୋଇଯାଇଛି । ଏଭଳି ସ୍ଥିତିରେ ସରକାର ଚୁପ୍ ହୋଇ ବସି ରହିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସଂଗୀତ ତଥା ଲୋକ କଳା ଗବେଷକ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣ୍ଡାବଜା କଳାକାର ଚିହ୍ନଟ ପ୍ରକ୍ରିୟା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଲୋକ କଳାକାରମାନଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇ ସାରିଥିବା ବେଳେ ସରକାର କେବେ ଆଉ ସେମାନଙ୍କୁ ସହଯୋଗ ପ୍ରଦାନ କରିବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ସମାଜର ବିଭିନ୍ନ ବର୍ଗ ପାଇଁ ବିଭିନ୍ନ ପ୍ରକାର ଯୋଜନା କରି ସରକାର ପ୍ରଶଂସା ସାଉଁଟୁଥିବା ବେଳେ ଲୋକ କଳାକାରମାନଙ୍କ ପ୍ରତି ତାଙ୍କ ଅବହେଳା ସୀମା ଲଂଘନ କରୁଛି । ସ୍ୱାଭିମାନର ସହ ବଂଚିଥିବା ଲୋକ କଳାକାରମାନଙ୍କୁ ସରକାରଙ୍କ କଠୋରପଣ ଅତ୍ୟନ୍ତ କଷ୍ଟ ଦେଇସାରିଲାଣି । ଆଗାମୀ ସମୟରେ ଏହି ଲୋକ କଳାକାରମାନେ ବାଧ୍ୟ ହୋଇ ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ମଧ୍ୟ ପଶ୍ଚାତପଦ ହେବେନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି ।

## ରେଣ୍ଡୋ ମାଝୀଙ୍କ ୧୬୫ତମ ସହୀଦ ଦିବସ ପାଳିତ

କଳାହାଣ୍ଡି, (ନିପ୍ର) : ରେଣ୍ଡୋ ମାଝୀଙ୍କ ଜନ୍ମ ସ୍ଥଳି କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ଅଧୀନସ୍ଥ ଲୁବେନ୍‌ଗଡ଼ଠାରେ କୋଭିଡ୍ ନିୟମାନୁସାରେ ପାଳନ ହୋଇଯାଇଛି । ୧୮୫୫ ଡିସେମ୍ବର ୧୦ରେ ରସୁଲକୁଣ୍ଡା ଜେଲ୍‌ରେ ତାଙ୍କୁ ଫାଶୀଖୁଂଟରେ ଝୁଲେଇ ଦିଆଯାଇଥିଲା । ସିପାହୀ ବିଦ୍ରୋହ (୧୮୫୭) ପୂର୍ବରୁ ଦୁର୍ଗମ ଅଂଚଳ ଲୁବେନଗଡ଼, ଉର୍ଲାଦାନୀ, ମ.ରାମପୁର ଠାରୁ ବ୍ରିଟିଶମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଚଳାଇ ଜୀବନକୁ ଉତ୍ସର୍ଗ କରିଥିଲେ ରେଣ୍ଡୋ ମାଝୀ । ନିଜ ଅଂଚଳ ତଥା ନିଜ ଜନ୍ମମାଟି ପାଇଁ ଜୀବନ ଦେଇ ଥିବାରୁ ତାଙ୍କ ପଥ ଅନୁସରଣ କରିବାକୁ ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ମତପ୍ରକାଶ କରିଥିଲେ । ଯୁବକ, ଛାତ୍ରଛାତ୍ରୀ ତଥା ଜନସାଧାରଣ ନିଜର ଭୂମି ପ୍ରତି ମମତା ଓ ଶ୍ରଦ୍ଧା ରଖି ଅଂଚଳର ଉନ୍ନତି ପାଇଁ ଚେଷ୍ଟା ଜାରି ରଖିବା ଉଚିତ ବୋଲି ମଧ୍ୟ କହିଥିଲେ । ପ୍ରକାଶ ଯୋଗ୍ୟ ଯେ, ନୂତନ ଭାବେ ଗଠିତ



ଲୁବେନଗଡ଼ ପଂଚାୟତକୁ ଏ ପର୍ଯ୍ୟନ୍ତ ସବୁଦିନିଆ ରାସ୍ତାଟିଏ ନାହିଁ । ଯେଉଁଠି ଏପରି ଜଣେ ବୀର ପୁରୁଷ ଜନ୍ମ ହୋଇଥିଲେ, ସେହି ମାଟି ପ୍ରତି ସରକାରଙ୍କ ଏହା ଅସମ୍ମାନ ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ । ସରପଞ୍ଚ, ସମିତି ସଭ୍ୟ, ଧର୍ମେନ୍ଦ୍ର ନାଏକ, ଆଦିବାସୀ କଲ୍ୟାଣ ସଂଘ ସଭାପତି ପରମାନନ୍ଦ ମାଝି, ରାଜୁ ମାଝି, ଟିକେଚନ ମାଝି, ସୁଚେନ୍ଦ୍ର ଧରୁଆ, ପ୍ରକାଶ ମାଝି, ସୁକଦେବ ସାହୁ, ପ୍ରେମ ସାଗର ନାୟକ, ହେମନ୍ଦ ସାହୁ, ସିଲି ମାଝି ଆଦି ବହୁ ମାନ୍ୟଗଣ୍ୟ ବକ୍ତି ଏଠାରେ ଉପସ୍ଥିତ ରହିଲେ ।

ଏହି ଅବସରରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଥିବା ବେଳେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଅର୍ଥ ଦେଇ ସମ୍ମାନିତ କରାଯାଇଥିଲା । ଯୋଗେଶ୍ୱର ମାଝି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସୁବାସ ମାଝି ।

## ସଂପାଦକୀୟ

# ବଲାଙ୍ଗିର ଜିଲ୍ଲାର ଗତି କୁଆଡ଼େ ?

ଚିର ଅବହେଳିତ ବଲାଙ୍ଗିର ଜିଲ୍ଲା ସଂପ୍ରତି ଅନେକ ସମସ୍ୟା ସହ ଜଡ଼ିତ ଥିବା ବେଳେ ଏହାର ମୁଖ୍ୟ ସମସ୍ୟା ହେଉଛି ଜଳସେଚନ । ତେବେ ଜଳସେଚନ ବ୍ୟବସ୍ଥା ପାଇଁ ସରକାରଙ୍କ ପକ୍ଷରୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଆରମ୍ଭ ହୋଇଥିଲେ ସୁଦ୍ଧା ଦୀର୍ଘ ବର୍ଷ ହେଲା ଏହା ମନ୍ଥର ଗତିର ବି ସୀମା ଲଂଘନ କରିଛି । କେତେବେଳେ ଜନସାଧାରଣଙ୍କ ବିରୋଧ ଯୋଗୁଁ କାମ ବନ୍ଦ ହେଉଛି ତ' ଆଉ କେତେବେଳେ ପ୍ରଶାସନିକ ତଥା ସରକାରୀ ଆନ୍ତରିକତା ହୀନତା ଯୋଗୁଁ ପଡ଼ି ରହିଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଏଠାରେ ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲାରେ ଅତ୍ୟନ୍ତ ନ୍ୟୁନତମ ଜଳସେଚନ ବ୍ୟବସ୍ଥା ରହିଥିବା ବେଳେ ଲୋୟର୍ ସୁକ୍‌ତେଲ ପ୍ରକଳ୍ପକୁ ବଲାଙ୍ଗିର ଜୀବନ ରେଖା ବୋଲି କୁହାଯାଉଛି । କିନ୍ତୁ ସରକାରଙ୍କ ଆନ୍ତରିକତା ନଥିବା ଯୋଗୁଁ ଏହାର କାର୍ଯ୍ୟନ୍ୱୟତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି ।

ଏହି ଜିଲ୍ଲାରୁ ପ୍ରତିବର୍ଷ ଦାଦନ ଶ୍ରମିକ ଭାବେ ଲକ୍ଷ ଲକ୍ଷ ଲୋକେ ଅନ୍ୟ ରାଜ୍ୟକୁ ଯାଇ ପେଟ ପୋଷୁଥିବା କଥା ସରକାରଙ୍କୁ ବେଶ୍ ଭଲ ଭାବରେ ଜଣା । ଏପରିକି ଜିଲ୍ଲାର ଦାଦନ ଶ୍ରମିକମାନଙ୍କ ଦୁଃଖ ବି ସାରା ଦେଶରେ ଚର୍ଚ୍ଚାର ପରିସରକୁ ବାରମ୍ବାର ଆସୁଛି । କିନ୍ତୁ ଏ ଜିଲ୍ଲାର ସାମୁହିକ ମଙ୍ଗଳ ନିମନ୍ତେ ସରକାର ଯେମିତି ତତ୍ପର ହେବା ଉଚିତ ତାହା ଲକ୍ଷ୍ୟ କରାଯାଇ ପାରୁନାହିଁ । ଜିଲ୍ଲାର ଯେମିତି ସମୃଦ୍ଧି ହେବା ଉଚିତ, ତାହା ହେଉ ନଥିବା ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ଭିନ୍ନ ଭିନ୍ନ ସମୟରେ ମତବ୍ୟକ୍ତ କରୁଥିଲେ ସୁଦ୍ଧା ସରକାରଙ୍କ ଏ ଜିଲ୍ଲା ପ୍ରତି ଦରଦ ନଥିବା ଦିନକୁ ଦିନ ବଲାଙ୍ଗିରବାସୀଙ୍କୁ ମର୍ମାହତ କରୁଛି ।

ଉଲ୍ଲେଖଯୋଗ୍ୟ ଯେ, ଲୋୟର୍ ସୁକ୍‌ତେଲ୍ ପାଇଁ ଅନେକ ସମୟରେ ମାସ ମାସ ଧରି ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆନ୍ଦୋଳନ ହୋଇଛି । ସରକାର ତଥା ପ୍ରଶାସନ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । କିନ୍ତୁ କାମରେ ସବୁକିଛି ଭୁଲ ପ୍ରମାଣିତ ହୋଇଛି । ଯଥା ପୂର୍ବଂ ତଥା ପରଂ ନୀତିରେ ଚାଲିଛି ବଲାଙ୍ଗିର ଜିଲ୍ଲାର ଗତି ।

ଏହା ବି ସତ ଯେ, ବୁଡ଼ି ଅଂଚଳବାସୀଙ୍କ ବିଭିନ୍ନ ପ୍ରକାର ଦାବୀ ଆଗରେ ସରକାରଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । କିନ୍ତୁ ଏହା ଏମିତି ଏକ ବିଷୟ ନୁହେଁ, ଯାହା ପ୍ରକଳ୍ପ କାମକୁ ରୋକି ଦେଇ ପାରିବ । ଯେଉଁଠାରେ ବି ବୃହତ୍ ଜଳସେଚନ ପ୍ରକଳ୍ପ ତିଆରି ହୋଇଛି, ସେଠି ଏଭଳି ଅନେକ ସମସ୍ୟା ଦେଖାଦେଇଛି । ତଥାପି ତ' ପ୍ରକଳ୍ପ ଆପଣାଛାଏଁ ଠିକ୍ ସମୟରେ ନିଜର ସ୍ଥିତି ଜାହିର୍ କରିଛି । ଏ ଦିଗରେ ସରକାର ଯତ୍ନବାନ ହେବା ଏକାନ୍ତ ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦିଅନ୍ତି ।

ବୁଡ଼ି ଅଂଚଳବାସୀଙ୍କୁ ଉଚିତ ପ୍ରାପ୍ୟ ଉଚିତ ସମୟରେ ପ୍ରଦାନ କରି ତୁରନ୍ତ ଲୋୟର୍ ସୁକତେଲ୍ କାମ ସମାପ୍ତ କରାଯିବାକୁ ବିଭିନ୍ନ ରାଜନୈତିକ ଦଳ ତଥା ସାମାଜିକ କର୍ମୀମାନେ ଦାବୀ କରି ଆସୁଛନ୍ତି । କିନ୍ତୁ ସରକାରଙ୍କ ମନୋବଳ କେତେଦୂର ଏଥିପ୍ରତି, ତାହା କାର୍ଯ୍ୟକାରିତାରେ ସ୍ପଷ୍ଟ ବାରି ହୋଇ ପଡୁଥିବା ସାଧାରଣରେ ଆଲୋଚନା ହେବାକୁ ବସିଲାଣି ।

ତେବେ ବଲାଙ୍ଗିର ଜିଲ୍ଲାର ସାମୁହିକ ବିକାଶ ପାଇଁ ତଥା ବଲାଙ୍ଗିର ଜିଲ୍ଲାର ସମୂହ ସମୃଦ୍ଧି ପାଇଁ ସରକାର ତୁରନ୍ତ ଲୋୟର ସୁକ୍‌ତେଲ୍ ପ୍ରକଳ୍ପ ସମାପ୍ତ କରିବାକୁ ପଦକ୍ଷେପ ନେବା ଉଚିତ ହେବ ।

## ପେଟ ପୋଷ, ନାହିଁ ଦୋଷ.....
## ରାସ୍ତା କଡ଼ରେ 'ଡାଙ୍ଗ୍ ଚଢ଼ା' ଦୃଶ୍ୟ ।



ପେଟର ଭୋକ ସାମ୍ନାରେ ସବୁ ମଞ୍ଜୁର !

# ଭାଷା ଚର୍ଚ୍ଚାର ଗୋଟିଏ ଦିଗ

**ପ୍ରଫେସର ମଧୁସୂଦନ ପତି**

କିଛି ଦିନ ତଳେ 'The Hindu' ପତ୍ରିକାରୁ ଜାଣିଲି ଯେ ଲଣ୍ଡନଠାରେ ଥିବା ଗୋଟିଏ ସ୍କୁଲରେ ତାହାର ପ୍ରଧାନ ଶିକ୍ଷକ ଗୋଟିଏ ବିସ୍ମୟକର ପାଠ୍ୟକ୍ରମ ପ୍ରଚଳନ କରିଛନ୍ତି । ସେଠି ଏଭଳି କରିବା ସମ୍ଭବ । କୌଣସି ପ୍ରଶାସକ ବା ମନ୍ତ୍ରୀଙ୍କ ଅନୁଜ୍ଞା ସେଥିପାଇଁ ଅନାବଶ୍ୟକ । ସେ ତାଙ୍କ ସ୍କୁଲରେ ସଂସ୍କୃତ ଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି । ତାଙ୍କ ଯୁକ୍ତି ଥିଲା, ପୃଥିବୀରେ ସଂସ୍କୃତ ପରି ସୁଶୃଙ୍ଖଳିତ, ସୁବିନ୍ୟସ୍ତ ଅନ୍ୟ କୌଣସି ଭାଷା ନାହିଁ । ସେ ବିଶ୍ୱାସ କରନ୍ତି, ସଂସ୍କୃତ ଭାଷାର ଶିକ୍ଷା ବିଦ୍ୟାର୍ଥୀକୁ ଗଣିତ ଏବଂ ତର୍କ ଶାସ୍ତ୍ର ପରି ବିଷୟରେ ମଧ୍ୟ ଅଧିକ ପାରଙ୍ଗମ ହେବାରେ ସାହାଯ୍ୟ କରେ ଏବଂ ଶବ୍ଦ ଉଚ୍ଚାରଣର ପଟୁତା ବଢ଼ାଏ । ସଂସ୍କୃତ ଶିକ୍ଷା ପାଇଁ ତାଙ୍କ ସ୍କୁଲରେ ସୁଯୋଗ ତିଆରିବା ବେଳେ ସେ ମୋଟେ ଆଶଙ୍କା କଲେ ନାହିଁ ଯେ ଆଜି ପୃଥିବୀର ସର୍ବାଧିକ ଅଂଚଳରେ ଏକ ପ୍ରକାର ପ୍ରଭୁତ୍ୱ ଜାହିର୍ କରିଥିବା ଇଂରାଜୀ ଭାଷାର ଗୌରବରେ କୌଣସି ଆଞ୍ଚ ଆସିବ ବା ଏଭଳି ପଦକ୍ଷେପ ନେଇଥିବାରୁ କେହି ତାଙ୍କ ସ୍ୱଦେଶ ପ୍ରେମ ନେଇ ପ୍ରଶ୍ନ ଉଠାଇବ । ବିଦ୍ୟାର୍ଥୀର ବୌଦ୍ଧିକ ବିକାଶର ଅନୁକୂଳ ଯେକୌଣସି ଭାଷା ଉପଲବ୍ଧ ତାହାର ସୁଯୋଗ ନେବା ପାଇଁ ସେ ଆଗ୍ରହୀ ହେଲେ । ହୁଏତ ସେଠି ଅନ୍ୟ କୌଣସି ସ୍କୁଲ ସଂସ୍କୃତ ଭାଷା ସଂପର୍କରେ ଅନ୍ୟ କିଛି ମତପୋଷଣ କରୁଥାଇ ପାରନ୍ତି । ସେଥିପାଇଁ ତାଙ୍କର ସ୍ୱାଧୀନତା ମଧ୍ୟ ଅକ୍ଷୁର୍ଣ୍ଣ । ଏ ପ୍ରସଙ୍ଗର ଅସଲ କଥା ହେଲା ବୌଦ୍ଧିକ ଯୁକ୍ତି ବଳରେ ହିଁ କୌଣସି ଭାଷା ପ୍ରତି ଆମର ସମ୍ମାନବୋଧ ନିୟନ୍ତ୍ରିତ ହେବା ଉଚିତ । ଗୋଟିଏ ଭାଷାର ସମୃଦ୍ଧି, ତାର ବୌଦ୍ଧିକ ସମ୍ବଳ, ତାର ପରିପ୍ରସାର ଜନିତ ନାନାଦି ସୁଯୋଗ ତଥା ସାଂପ୍ରତିକ ଜୀବନରେ ତାର ଆବଶ୍ୟକତାକୁ ଆଖିରେ ରଖି ଆମେ ତାହାକୁ ଆପଣେଇବା ପାଇଁ ଆଗେଇବା ।

କିନ୍ତୁ ଗୋଟିଏ ଭାଷା କେବଳ ଉପଯୋଗିତା ବା ତାର ସମୃଦ୍ଧି ଦୃଷ୍ଟିରୁ ଅନ୍ୟ ଭାଷାଭାଷୀ ଅଂଚଳରେ ସଂପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ ମନେ ହୋଇ ନପାରେ । ପ୍ରତିଟି ଭାଷା ସେ ବିକଶିତ ହୋଇଥିବା ଅଂଚଳର ସଂସ୍କୃତି ଓ ଜୀବନଯାତ୍ରା ସହିତ ଏକ ଆବେଗିକ, ଆତ୍ମିକ ବନ୍ଧନରେ ସଂଯୁକ୍ତ । ସେଇ ଜୀବନଯାତ୍ରା ବା ସାମାଜିକ - ରାଜନୈତିକ - ଅର୍ଥନୈତିକ ସ୍ଥିତିକୁ ବିପନ୍ନ କରୁଥିବାର ଅଂଚଳର ଭାଷା ବିରୁଦ୍ଧରେ ଗୋଟିଏ ପ୍ରତିକ୍ରିୟା ସୃଷ୍ଟି ହେବା ସ୍ୱାଭାବିକ । ଭାଷା କେବଳ ଭାବ ସଂଚାର ତ' କରେ ନାହିଁ; ସେ ମଧ୍ୟ କ୍ଷମତା ବିସ୍ତାରର ମାଧ୍ୟମ ହୋଇଥାଏ । ଇଂରାଜୀ ଭାଷାର ପ୍ରସାର ସହିତ ଉପନିବେଶବାଦୀ ଆଧିପତ୍ୟ ଓ ଶୋଷଣ ମଧ୍ୟ ସଂପୃକ୍ତ । ଇଂରାଜୀ ଭଳି 'କ୍ଷମତା ସଂପନ୍ନ' ଭାଷାଗୁଡ଼ିକର ପ୍ରାଥମିକତା ବଢ଼ିବା ସଂଗେ ସଂଗେ ଅନ୍ୟ 'କ୍ଷମତାହୀନ' ବହୁ ଭାଷା ବିଲୁପ୍ତ ହୋଇଯାନ୍ତି । ଅପର ସଂସ୍କୃତିର ପ୍ରାଧାନ୍ୟ କ୍ରମେ ବଳବତ୍ତର ହୋଇଯାଏ । ଏଣୁ ଅନେକ ବିକଶିତ, କ୍ଷୀପ୍ର ବିକାଶଶୀଳ ଦେଶମାନଙ୍କରେ ତାଙ୍କ ନିଜସ୍ୱ ଭାଷାକୁ ହିଁ ଶିକ୍ଷା ଏବଂ ସରକାରୀ କାର୍ଯ୍ୟକ୍ଷେତ୍ରରେ ପ୍ରାଥମିକତା ଦିଆଯାଇଥାଏ । ଏହା ଅବଶ୍ୟ ସତ୍ୟ ଯେ ସେଭଳି ଦେଶସବୁ ମଧ୍ୟ ଏବେ ଇଂରାଜୀ ଭାଷାକୁ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେବାକୁ ଅର୍ଥନୈତିକ-ରାଜନୈତିକ କାରଣରୁ ବାଧ୍ୟ ହେଉଛନ୍ତି । କିନ୍ତୁ ସେମାନେ ଇଂରାଜୀ ଆଧିପତ୍ୟ (hegemony) ବିରୁଦ୍ଧରେ ବେଶ୍ ସଚେତନ ।

ଯେଉଁ କେତେକ ନିର୍ଦ୍ଦିଷ୍ଟ ଐତିହାସିକ କାରଣରୁ ବହୁଭାଷୀ ଭାରତବର୍ଷରେ ଇଂରାଜୀ ଭାଷା ତଥାପି କ୍ଷମତାସୀନ ହୋଇ ରହିଛି ସେ ବିଷୟରେ ଆଲୋଚନା ଏହି ଲେଖାର ଉଦ୍ଦେଶ୍ୟ ନୁହେଁ । ଏଠି କେବଳ ଏତିକି ସ୍ୱୀକାର କରିବା ଯେ ଭାରତରେ ଇଂରାଜୀ ଭାଷାର ପ୍ରସାର ଏବେ ମଧ୍ୟ ଅବାରିତ । ସେଇ ପ୍ରସାର ପାଇଁ ବ୍ରିଟିଶ୍ କାଉନ୍‌ସିଲ୍ ପରି କେତେକ ସଂସ୍ଥା ବେଶ୍ କ୍ରିୟାଶୀଳ, କାରଣ ତାଙ୍କ ଦେଶ ସେଥିରୁ ବେଶ୍ ଅର୍ଥ ଉପାର୍ଜନ କରିଥାନ୍ତି । ଆମର ଶିକ୍ଷା ପଦ୍ଧତି, ଗଣମାଧ୍ୟମ, ସରକାରୀ କଳ, ଆନ୍ତର୍ଜାତୀୟ ବୃତ୍ତି ସୁଯୋଗ, ଉପଭୋକ୍ତାବାଦୀ ଜୀବନ, ବୁଦ୍ଧିଜୀବୀମାନଙ୍କ ଅଭ୍ୟାସ, ବିଜ୍ଞାପନଦାତା- ଏଭଳି ବହୁ ଉତ୍ସରୁ ଏଠି ଇଂରାଜୀର ପ୍ରସାର ଚାଲୁ ରହିଛି । ଗାଁଗଣ୍ଡାରେ ମଧ୍ୟ ଇଂରାଜୀ ଶବ୍ଦ ସବୁ ବେଶ୍ ଆସ୍ଥାନ ଜମେଇଲେଣି । ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ଏବେ ପ୍ରଶ୍ନ ଉଠେ ଯେ ଭାରତୀୟ ମାତୃଭାଷାଗୁଡ଼ିକର ଓ ସେସବୁରେ ରଚିତ ସାହିତ୍ୟର ବିକାଶ ପଥରେ ଇଂରାଜୀ ଭାଷା ଅନ୍ତରାୟ ସୃଷ୍ଟି କରୁଛି କି ? ଅନ୍ୟ ଭାବରେ କହିଲେ, ଇଂରାଜୀର ପ୍ରସାର ନ ଥିଲେ ଆମ ସାହିତ୍ୟ - ସଂସ୍କୃତି ଆହୁରି ସବଳ ଓ ସୃଷ୍ଟିଶୀଳ ହୁଅନ୍ତେ କି ? ଏବଂ ଇଂରାଜୀ ଭାଷା ଓ ସାହିତ୍ୟ ବିରୁଦ୍ଧରେ ଆମେ ସଂଗ୍ରାମ କରି ତାକୁ ମୂଳୋତ୍ପାଟିତ କରିଦେଲେ (ଯାହା ଏକ ଅସମ୍ଭବ ବ୍ୟାପାର) ଆମର ପ୍ରଗତି ଅଧିକ କ୍ଷୀପ୍ର ଓ ସୁସ୍ଥ ହୁଅନ୍ତା କି ? ଇଂରାଜୀ ଭାଷା ସହିତ ସଂପୃକ୍ତ ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧ ଅନୁକରଣ ଆମର ବହୁ 'ଆଧୁନିକ' ଯୁବକଯୁବତୀଙ୍କୁ ଅପସଂସ୍କୃତି କବଳିତ କରୁଥିବାର କେତେକ ଉଦାହରଣ ଅବଶ୍ୟ ମିଳିବ । କିନ୍ତୁ ସେଥିପାଇଁ ସେଇ ଭାଷା ବିରୁଦ୍ଧରେ ଖଡ୍‌ଗ ଉତ୍ତୋଳନ କରିବା ଯୁକ୍ତିଯୁକ୍ତ ଅଟେ କି ? ଅପସଂସ୍କୃତିର ଅନ୍ୟସବୁ କାରଣ ରହିଛି ଯାହାର ନିଦାନ ନ ଖୋଜି ସବୁଯାକ ଦୋଷ ଗୋଟିଏ ଭାଷା ଉପରେ ଲଦି ଦେବା ବିଜ୍ଞତାର ପରିଚାୟକ ନୁହେଁ । ସେଇ ଭାଷା ଜରିଆରେ ଯାହାକିଛି ମଙ୍ଗଳକର ଉପାଦାନ ବା ସୁଯୋଗ ମିଳୁଛି ତାକୁ ପରିତ୍ୟାଗ କରିଦେବା ଆତ୍ମଘାତୀ ହେବ ।

ବିଦେଶୀ ଭାଷା ସୃଷ୍ଟି କରୁଥିବା ଜଟିଳତାର ଗୋଟିଏ ଉଦାହରଣ ମାତ୍ର ଭାବେ ଏଠି ଇଂରାଜୀ ଭାଷାର ଉଲ୍ଲେଖ କରାଯାଇଛି । ଏ ଲେଖାର ମୂଳ ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ସଂପର୍କ କିଭଳି ହେବା ଉଚିତ ତା' ଉପରେ ଏକ ବିତର୍କ ପାଇଁ ସୂଚନା ଦେବା । ଭାରତୀୟ ଇତିହାସରେ ଅନ୍ୟ ଭାଷା ଜରିଆରେ କ୍ଷମତା ବିସ୍ତାରର ବହୁ ଦୃଷ୍ଟାନ୍ତ ରହିଛି । ହିନ୍ଦୀ ଭାଷାକୁ ଏ ଅଂଚଳର ସରକାରୀ ଭାଷା କରିବା ବିରୁଦ୍ଧରେ ସମ୍ବଲପୁରଠାରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ତାହାର ରାଜନୈତିକ ଏବଂ ସାହିତ୍ୟିକ ପ୍ରତିକ୍ରିୟା ସୁବିଦିତ । ପରେ ପରେ ତାହା ମଧ୍ୟ ଓଡ଼ିଆ ଅନୁରକ୍ତିକୁ ଏ ଅଂଚଳରେ ଅଧିକ ଗଭୀର କରିଥିଲା ।

କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ବିକୃତ ବିଚାରର ଉଲ୍ଲେଖ କରିବା ବିରୁଦ୍ଧରେ ତାହା ଫଳରେ କିଭଳି ପ୍ରତିକ୍ରିୟା ହୋଇଥିଲା, ତାହା ଆମେ ସ୍ମରଣ କରିବା । ଆମେ ଦେଖିବା ଯେ ପରେ ପରେ କାନ୍ତିଚନ୍ଦ୍ର ହିଁ ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱାଭିମାନ ପାଇଁ ଗୋଟିଏ ଐତିହାସିକ ସ୍ଥିତିକୁ ଜନ୍ମଦେଲେ । ଠିକ୍ ସେପରି ଆମେ ସ୍ମରଣ କରିବା ଯେ, କାନ୍ତିଚନ୍ଦ୍ରଙ୍କ ବିରୁଦ୍ଧରେ ବଙ୍ଗାଳୀ ମୂଳର ବହୁ ଓଡ଼ିଆ ସ୍ୱର ଉଠାଇଥିଲେ । ବଙ୍ଗାଳୀ-ଓଡ଼ିଆ ରାଜନୈତିକ-ସାମାଜିକ ଦ୍ୱନ୍ଦ୍ୱ ସେକାଳରେ ବହୁ ପ୍ରସାରିତ ଥିଲା । ମାତ୍ର ଓଡ଼ିଶାରେ ଅବସ୍ଥାପିତ ବହୁ ନେତୃସ୍ଥାନୀୟ ବଙ୍ଗାଳୀ ମୂଳ ବ୍ୟକ୍ତିଙ୍କ ଓଡ଼ିଆ ସ୍ୱାଭିମାନ ବଳିଷ୍ଠ କରିବାରେ ଅତ୍ୟନ୍ତ ଶକ୍ତିଶାଳୀ ଭୂମିକା ମଧ୍ୟ ରହିଥିଲା । ଓଡ଼ିଆ ସାହିତ୍ୟ ଜଗତ ଓ ଶିକ୍ଷା ଜଗତରେ ବଙ୍ଗଳା ରଚନା ସବୁର ପ୍ରଭାବ ବହୁ ବ୍ୟାପକ ହୋଇଥିଲା । ଏଠି ଏହା ସୂଚାଇବାର ଉଦ୍ଦେଶ୍ୟ ହେଉଛି, ସମସ୍ତ ରାଜନୈତିକ-ସାମାଜିକ ସଂଘର୍ଷ ସତ୍ତ୍ୱେ ସଂପର୍କିତ ଭାଷା-ସାହିତ୍ୟ-ସଂସ୍କୃତି ସବୁର ଆହରଣପଟୁତା ଯେ ବାଧା ପାଏନାହିଁ ଏହି ବିଚାର ମନରେ ରଖିବା ଆବଶ୍ୟକ ।

ବଙ୍ଗଳା ବିରୁଦ୍ଧରେ ସଂଗ୍ରାମ କରି



*ବିଦେଶୀ ଭାଷା ସୃଷ୍ଟି କରୁଥିବା ଜଟିଳତାର ଗୋଟିଏ ଉଦାହରଣ ମାତ୍ର ଭାବେ ଏଠି ଇଂରାଜୀ ଭାଷାର ଉଲ୍ଲେଖ କରାଯାଇଛି । ଏ ଲେଖାର ମୂଳ ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ସଂପର୍କ କିଭଳି ହେବା ଉଚିତ ତା' ଉପରେ ଏକ ବିତର୍କ ପାଇଁ ସୂଚନା ଦେବା । ଭାରତୀୟ ଇତିହାସରେ ଅନ୍ୟ ଭାଷା ଜରିଆରେ କ୍ଷମତା ବିସ୍ତାରର ବହୁ ଦୃଷ୍ଟାନ୍ତ ରହିଛି । ହିନ୍ଦୀ ଭାଷାକୁ ଏ ଅଂଚଳର ସରକାରୀ ଭାଷା କରିବା ବିରୁଦ୍ଧରେ ସମ୍ବଲପୁରଠାରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ତାହାର ରାଜନୈତିକ ଏବଂ ସାହିତ୍ୟିକ ପ୍ରତିକ୍ରିୟା ସୁବିଦିତ । ପରେ ପରେ ତାହା ମଧ୍ୟ ଓଡ଼ିଆ ଅନୁରକ୍ତିକୁ ଏ ଅଂଚଳରେ ଅଧିକ ଗଭୀର କରିଥିଲା ।*

ବା କୃତ୍ରିମ ଉପାୟରେ ପ୍ରତିବେଶୀ ଭାଷା-ସାହିତ୍ୟ-ସଂସ୍କୃତିର ପ୍ରଭାବକୁ ଏଡ଼ାଇବା ପାଇଁ ଗୋଟିଏ ନିରାପଦଶୂନ୍ୟ-କୋଠରୀ ତିଆରିଥିଲେ (ଯାହା କେବେ କରି ହେବନାହିଁ) ଓଡ଼ିଆ ଭାଷା ସାହିତ୍ୟର ବିକାଶ ଅଧିକ ହୋଇଥାନ୍ତା ବୋଲି ଭାବିବା ଅମୂଳକ । କୌଣସି ଆନ୍ଦୋଳନ (movement) ଜରିଆରେ ଭାଷା ଓ ସାହିତ୍ୟର ସମୃଦ୍ଧିକରଣ ସମ୍ଭବ ନୁହେଁ । ଉଚ୍ଚମାନର ସାହିତ୍ୟ ସୃଷ୍ଟି କଲେ ଏବଂ ଉଚ୍ଚ ଧରଣର ସଂସ୍କୃତି ତିଆରିଲେ ତାହା ହୋଇଥାଏ ତାର ଏକ ନିଜସ୍ୱ, ସ୍ୱାଭାବିକ ଢ଼ଙ୍ଗରେ । ସାମାଜିକ - ଐତିହାସିକ ବିକାଶ ସହିତ ଜଡ଼ିତ ତାହା ହୁଏ କ୍ରିୟାଶୀଳ । ଆହରଣ, ଚେତନାର ବିମୁକ୍ତିକରଣ, ପ୍ରଶସ୍ତ ମାନବୀୟ ଆତ୍ମୀୟତା ଜରିଆରେ ଭାଷା ସମୃଦ୍ଧ ହୁଏ ଏବଂ ସାହିତ୍ୟ - ସଂସ୍କୃତି ଅଧିକ ଜୀବନ୍ତ, ଅଧିକ ଗତିଶୀଳ ହୁଅନ୍ତି । ଭାରତୀୟ ଭାଷା - ସାହିତ୍ୟ ସବୁ ମଧ୍ୟରେ ରହିଥିବା ମୌଳିକ ଅନ୍ତରଙ୍ଗତା ସେସବୁର ବିକାଶ ପାଇଁ ଖୋରାକ୍ ଯୋଗାଇ ଆସିଛନ୍ତି ଏବଂ ଆଗକୁ ମଧ୍ୟ ତାହା ଅବ୍ୟାହତ ରହିବ । ଆମର ଇଚ୍ଛା-ଅନିଚ୍ଛା ଉପରେ ତାହା ନିର୍ଭରଶୀଳ ନୁହେଁ ।

ସମସ୍ତ ବାହ୍ୟ ଆଧିପତ୍ୟ ବିରୁଦ୍ଧରେ ଆମେ ସଜାଗ ରହିବା ଯେତିକି ଜରୁରୀ, ସମସ୍ତ ମଙ୍ଗଳକର ବାହ୍ୟ ଉପାଦାନ ସଂଗ୍ରହ କରିବା ସେତିକି ଜରୁରୀ । ଆମେ ଯାହାକୁ ଏକାନ୍ତ ଭାବେ ନିଜସ୍ୱ କହୁଛୁ ତାହା ମଧ୍ୟ କେତେ ଦୀର୍ଘକାଳର ଉତ୍ତରଣରେ ବହୁ ଦିଗରୁ ସମ୍ବଳ ଆପଣେଇଛି ତାକୁ ବିସ୍ମୃତ ହେବା ଅନୁଚିତ ।

ରୁଗୁଡ଼ିପଡ଼ା, ବଲାଙ୍ଗିର

# ଲୋଇସିଂହା ବିଜେପି ତରଫରୁ ବ୍ଲକ୍ ସ୍ତରୀୟ ମଣ୍ଡଳ ପ୍ରଶିକ୍ଷଣ ଶିବିର

ଲୋଇସିଂହା, (ନିପ୍ର) : ଲୋଇସିଂହା ଅଗ୍ରସେନ ଭବନ ଠାରେ ଲୋଇସିଂହା ବିଜେପି. ତରଫରୁ ବ୍ଲକ୍ ସ୍ତରୀୟ ମଣ୍ଡଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପୂର୍ବତନ ବିଧାୟକ ତଥା ବିଜେପି.ର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟିତ କରିଛନ୍ତି । ଲୋଇସିଂହା ବିଧାୟକ ଡ.ମୁକେଶ ମହାଲିଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ମହାନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ସାଇଶଙ୍କର ସାହୁ, ଅନିରୁଦ୍ଧ ବିଵାଲ, ସରୋଜ ସାହୁ, ପାଟଣାଗଡ଼ ବ୍ଲକ୍ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକ, ଅନନ୍ତ କୁମାର ଦାଶ ପ୍ରମୁଖ ଯୋଗଦାନ କରି ନିଜ ନିଜ ବହୁମୂଲ୍ୟ ବକ୍ତବ୍ୟ ରଖିଛନ୍ତି । ଏହି ଶିବିରରେ ବାଳକୃଷ୍ଣ ଧରୁଆ, ରଘୁମଣି ସାହୁ, ଜ୍ୟୋତିର୍ମୟ ରାଉତ, ସଂଜୀବ ସାହୁ, କିଶୋର ପଟେଲ, ଗୌରାଙ୍ଗ ନାୟକ, ଅମରଜିତ ପଟେଲ, ଲେକୁ ତ୍ରିପାଠୀ, ଭୂତନାଥ ନାଏକ ଆଦି ବହୁ ଦଳୀୟ କର୍ମୀ ଯୋଗଦାନ କରିଥିଲେ ।

# ନୃସିଂହନାଥ ଠାରେ ଗନ୍ଧମାର୍ଦ୍ଦନ ଆନ୍ଦୋଳନ ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ



ପଦ୍ମପୁର, (ନିପ୍ର) : ଆସନ୍ତା ଜାନୁୟାରୀ ୧ ତାରିଖ ଦିନ ଗନ୍ଧମାର୍ଦ୍ଦନ ଆନ୍ଦୋଳନର ୩୬ ତମ ବାର୍ଷିକ ଉତ୍ସବ ନୃସିଂହନାଥ ଠାରେ ପାଳନ କରିବା ପାଇଁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କେନ୍ଦ୍ରୀୟ କମିଟିରେ ପ୍ରସ୍ତାବ ଗୃହୀତ ହୋଇଛି । ଆଜି ଯୁବ ପରିଷଦର ଆବାହକ ଦିଲ୍ଲୀପ ବେହେରାଙ୍କ ଅଧ୍ୟକ୍ଷତାରେ ନୃସିଂହନାଥ ସ୍ଥିତ ଭାଗବତତତ୍ତ୍ୱ ଆଶ୍ରମ ପରିସରରେ ଅନୁଷ୍ଠିତ ବୈଠକରେ ୧ତାରିଖ ବାର୍ଷିକ ଉତ୍ସବ ଓ ଡିସେମ୍ବର ୨୭ ତାରିଖ ଦିନ ଟେମରୀ ଗ୍ରାମ ଠାରେ ମାଧବ ସିଂ ଠାକୁରଙ୍କ ସ୍ମୃତିରେ ସହିଦ୍ ଦିବସ ପାଳନ ପାଇଁ ପ୍ରସ୍ତାବିତ ହୋଇ ଥିଲା । ୧୯୮୫ ମସିହା ଅଗଷ୍ଟ ୧୫ ତାରିଖ ଦିନ ଗନ୍ଧମାର୍ଦ୍ଦନ ପର୍ବତରେ ବାଲ୍‌କୋର ବକସାଇଟ୍ ଖଣି ପ୍ରକଳ୍ପ ବିରୁଦ୍ଧରେ ଜନ ଆନ୍ଦୋଳନ କରିବାର ପାଇଁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଗଠିତ ହୋଇଥିଲା । ସେହି ଦିନ ଠାରୁ ପ୍ରତିବର୍ଷ ଅଗଷ୍ଟ ୧୯କୁ ସ୍ଥାପନ ଦିବସ ଓ ଜାନୁଆରୀ ୧କୁ ବାର୍ଷିକ ଉତ୍ସବ ଭାବେ ଗନ୍ଧମାର୍ଦ୍ଦନ ପରିଷଦ ପାଳନ କରିଆସୁଛି । ୨୦୧୦ ମସିହା ଡିସେମ୍ବର ୨୭ ତାରିଖ ଦିନ ଗନ୍ଧମାର୍ଦ୍ଦନ ଆନ୍ଦୋଳନର ନେତା ମାଧବ ସିଂ ଠାକୁର ପୋଲିସ ଗୁଳିରେ ନିହତ ହୋଇଥିଲେ । ଟେମରୀ ଗ୍ରାମରେ ମାଧବ ସିଂ ଠାକୁରଙ୍କ ସ୍ମୃତିରେ ଏକ ସହିଦ୍ ସ୍ତମ୍ଭ ନିର୍ମିତ ହୋଇଛି । ଆସନ୍ତା ଜାନୁୟାରୀ ୧ ବାର୍ଷିକ ଉତ୍ସବରେ ଗନ୍ଧମାର୍ଦ୍ଦନ ପ୍ରସଙ୍ଗରେ ଅନେକ ଗୁରୁତ୍ୱ ଆଲୋଚନା ହେବ ବୋଲି ସ୍ଥିର କରାଯାଇଛି । କୋଭିଡ ନିୟମ ଅନୁଯାୟୀ କମ୍ ସଂଖ୍ୟାରେ ଗନ୍ଧମାର୍ଦ୍ଦନ ଆନ୍ଦୋଳନକାରୀ ଏଥିରେ ସାମିଲ ହେବା ପରେ ନୃସିଂହନାଥ ସିଂହ ଦ୍ୱାରରୁ ୩୬ଟି ମଶାଳ ପ୍ରଜ୍ୱଳିତ ପାଇଁ ସ୍ଥିର ହୋଇଛି ।

ଅନୁଷ୍ଠିତ କେନ୍ଦ୍ରୀୟ କମିଟି ବୈଠକରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସାଧାରଣ ସଂପାଦକ ଦର୍ଯ୍ୟୋଧନ ପୁଟା, ପୂର୍ବତନ ଆବାହକ ଧିରେନ ମହାନ୍ତି, ରାହାସ ବିହାରୀ ସାହୁ, ଜଗଦିଶ ଲୁହାର, ସାମ୍ବାଦିକ ନିରୋଜ ପାଣୀ, କୈଳାସ ଦିଶାରୀ, ରାଜେନ୍ଦ୍ର ସେଠ, ଅନଙ୍ଗ ସିଂ, ଯୋଗୀ ଭୋଇ, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗିର ପୌରାଂଚଳ ୱାର୍ଡ ନଂ.୨୦ରେ ସ୍ୱଚ୍ଛ ସଚେତନ କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ପୌରାଂଚଳ ୱାର୍ଡ ନଂ.୨୦ରେ ସ୍ୱଚ୍ଛ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପ ନିବନ୍ଧକ ପଦ୍ମନାଭ ପୁରୋହିତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୌର ପରିଷଦ ୱାର୍ଡ ଅଫିସର ଭୀଷ୍ମ ସାହୁ, ସ୍ୱଚ୍ଛ ସୁପର୍‌ଭାଇଜର୍ ପ୍ରତିମା ମିଶ୍ର ପରିଚାଳନା କରିଥିଲେ । ସବିତା ପାଢ଼ୀ, ମମତା ସେଠ, ଦମୟନ୍ତୀ ପାତ୍ର, ସୌଦାମିନୀ ସାହୁ, ସନ୍ତୋଷିନୀ ବାଗ, ଦୀପାଳି ପୁଟା, ପଦ୍ମିନୀ ସାହୁ, କୁନୀ ସାହୁ, ଶୁଭ୍ରକେଶୀ ମହାନ୍ତି, ସଂଗୀତାରାଣୀ ପଢ଼ିଆରୀ, ନଳିନୀ ସାହୁ, ଜମୁନା ବାରିକ, ସନ୍ତୋଷିନୀ ପୁଟେଲ, ବିଳାସ ପୁଟେଲ, ତପସ୍ୱିନୀ ମିଶ୍ର, କାମିନୀ ମିଶ୍ର, ଭାଗ୍ୟସିନୀ ପାଢ଼ୀ, ରୀନା ହେର୍ନା, ସୁଜାତା ପଣ୍ଡା, ମମତା ଖୁଆସ, ମମତା ମିଶ୍ର, ସୁକାମିନୀ ମିଶ୍ର, କଲ୍ୟାଣୀ ପାଲ, ରମା ମହାରଣା, ସୁବାସିନୀ ପଧାନ, ସୁବାସିନୀ ସାହା, ଜ୍ୟୋସ୍ନା ଜାଲ, ଜାହ୍ନବୀ ଜାଲ, ବନଜା ନେଗୀ, ସ୍ନେହ ସାହା, ଚନ୍ଦ୍ର ମନ୍ଦେ, ଜମୁନା ବଗାର, ଚନ୍ଦ୍ରକାନ୍ତୀ ପଧାନ, ନୁରା ସେଠ, ମାନିନୀ ପଟେଲ, ସ୍ନେହଲତା ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ୱାର୍ଡର ସମସ୍ତ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିବା ସହ ପ୍ରଶଂସା କରିଛନ୍ତି ।

# ସ୍ୱାମୀଙ୍କ ମୃତ୍ୟୁର ୧୦ ବର୍ଷ ହେଲାଣି, ତଥାପି ଶ୍ରାବଣୀଙ୍କୁ ମିଳିପାରି ନାହିଁ ବିଧବା ଭତ୍ତା





ଖପ୍ରାଖୋଲ, (ନିପ୍ର) : ଶ୍ରୀମନ୍ତ ଧରୁଆ ଖପ୍ରାଖୋଲ ବ୍ଲକ ମାଲପଡା ଗ୍ରାମର ବାସିନ୍ଦା ୧୦ ବର୍ଷ ଆଗରୁ ସ୍ତ୍ରୀ ଶ୍ରାବଣୀ ଏବଂ ଛୁଆମାନଙ୍କୁ ଛାଡି ଆରପାରିକୁ ଚାଲିଗଲେ । ଏପଟେ ଶ୍ରାବଣୀଙ୍କ ଦୁଃଖ ଦେଖେ କିଏ । ଛୋଟ ଛୋଟ ଛୁଆ ମାନଙ୍କର ଭବିଷ୍ୟତ କ'ଣ ହେବ ? କିନ୍ତୁ ଶ୍ରାବଣୀ ଭାଙ୍ଗି ନପଡ଼ି ଅଂଟା ଭିଡିଲେ, ନିଜ ଛୁଆମାନଙ୍କର ଭବିଷ୍ୟତ ଗଢିବା ପାଇଁ । ପର ଘରେ ମୂଲ ଲାଗି ଛୁଆମାନଙ୍କୁ ଦି' ଅକ୍ଷର ପାଠ ପଢ଼ାଉଛନ୍ତି, ପେଟକୁ ଦାନା ଯୋଗାଡ କରୁଛନ୍ତି । କିନ୍ତୁ ଛୁଆମାନେ ଏବେ ବଡ ହେଉ ଥିବାରୁ ସମସ୍ତଙ୍କର ଆବଶ୍ୟକତା ପୂରଣ କରି ପାରୁନାହାନ୍ତି । ବିଧବା ଭତ୍ତା ପାଇଁ ବଲାଙ୍ଗିର, ଖପ୍ରାଖୋଲ, ଲାଠୋର ଧାଇଁ ଧାଇଁ ଥକି ଗଲେଣି । କିନ୍ତୁ ଏହି ବିଧବା ମା'ଙ୍କ ଦୁଃଖ କାହା ଆଖିରେ ପଡୁନାହିଁ । ଏଣୁ ସେ ପ୍ରଶାସନକୁ ଗୁହାରି କରିଛନ୍ତି, ମୋ ଭତ୍ତା ଶୀଘ୍ର କରିଦିଅନ୍ତୁ, ମୋ ପିଲା ଛୁଆଙ୍କ ଦୁଃଖ ଶୁଣନ୍ତୁ ।

# ଭିଜିଲାନ୍ସକୁ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ



ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକରେ ବିଭିନ୍ନ ଦୁର୍ନୀତି ଦର୍ଶାଇ ସୂଚନା ଅଧିକାର କର୍ମୀ ମଙ୍ଗନ ରାଏ ଭିଜିଲାନ୍ସ ଡିଏସପିଙ୍କୁ ଲିଖିତ ଅଭିଯୋଗ କରିବା ସହ ଦୋଷୀ କର୍ମଚାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ ପ୍ରକାଶ କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ଆର୍ଥିକ ବର୍ଷ ୨୦୧୬-୧୭ରେ ଦେଓଗାଁ ବ୍ଲକର ଉଡାର ଗ୍ରାମ ପଂଚାୟତରେ ବନୀକରଣ ଓ ସ୍କୁଲ ଉନ୍ନତିକରଣ ବାବଦକୁ ଗୁଡାଏ ଖର୍ଚ୍ଚ ହୋଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଥିଲା । ଶ୍ରୀ ରାଏ ସରକାରୀ ରିପୋର୍ଟ ପାଇବା ପରେ, ସେଠାରେ ତା୦୬-୧୧-୨୦ରେ ଏସମ୍ବନ୍ଧୀୟ କୌଣସି କାମ ହୋଇ ନଥିବା ନେଇ ଜିଲ୍ଲାପାଳଙ୍କୁ ତଥ୍ୟ ସହିତ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଏ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ, ସେ ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ଉକ୍ତ ଅଭିଯୋଗ ପତ୍ରରେ ଦେଓଗାଁ ବ୍ଲକ ଉପରଝର ପଂାୟତରେ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ପ୍ରଦାନରେ ବ୍ୟାପକ ଦୁର୍ନୀତି ହେଉଥିବା ଶ୍ରୀ ରାଏ ପ୍ରକାଶ କରିଛନ୍ତି । ବିଗତ ଦୁଇ ତିନି ବର୍ଷ ହେବ ନୂତନ ଆବେଦନକାରୀଙ୍କୁ ସରକାରୀ ସହୟତା ଦିଆ ଯାଉନଥିବା ବେଳେ ପ୍ରାୟ ୫୬ ଜଣ ମୃତ ହିତାଧୀକାରୀଙ୍କ ନାଁରେ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ପଇସା ଦିଆ ଯାଉଥିବା ଶ୍ରୀ ରାଏ ପ୍ରକାଶ କରିଛନ୍ତି ।

ତେବେ ଏ ସଂପର୍କରେ ବିଭାଗୀୟ ତଦନ୍ତ କରିବା ସହିତ ଘଟଣାର ଦୋଷୀ କର୍ମଚାରୀମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ରାଏ ଜିଲ୍ଲା ଭିଜିଲାନ୍ସ ଡିଏସପିଙ୍କ ପାଖରେ ଦାବୀ ଜଣାଇଛନ୍ତି । ଆହୁରି ଗତ ଚାରି ବର୍ଷରେ ଦେଓଗାଁ ବ୍ଲକରେ ଜଙ୍ଗଲ ଜନ୍ତୁ ଦ୍ୱାରା ଫସଲ ନଷ୍ଟ ବାବଦକୁ ଆସିଥିବା ସରକାରୀ ସହାୟତା ଓ ବଲାଙ୍ଗିର ଜିଲ୍ଲାରେ ଶିକ୍ଷା ସହାୟକ ନିଯୁକ୍ତି ନେଇ ସେ ସରକାରଙ୍କୁ ସୂଚନା ମାଗିଥିବା ବେଳେ ସୂଚନା ପ୍ରଦାନ କରିବାରେ ତାଙ୍କୁ ବାରମ୍ବାର ହଇରାଣ



କରାଯାଉଛି । ଏ ସଂପର୍କରେ ତାଙ୍କୁ ସଂପୂର୍ଣ୍ଣ ସୂଚନା ମିଳିବା ପରେ ସେ ଏହାର ସତ୍ୟାସତ୍ୟ ସାଧାରଣରେ ପ୍ରକାଶ କରିବେ ବୋଲି ଶ୍ରୀ ରାଏ କହିଛନ୍ତି ।

# ସାମ୍ବାଦିକମାନଙ୍କ ପାଇଁ ସରକାରୀ ସହାୟତା ଦାବୀ କଲା ଭିଲେଜର୍ସ ଇଣ୍ଡିଆ ପାର୍ଟି

ବଲାଙ୍ଗିର, (ନିପ୍ର) : ଭିଲେଜର୍ସ ଇଣ୍ଡିଆ ପାର୍ଟି ପକ୍ଷରୁ ବଲାଙ୍ଗିର ସହ ଓଡିଶାର ସମସ୍ତ ସାମ୍ବାଦିକ ମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରେ ଦାବୀ କରାଯାଇଛି । ଗତ ଦୀର୍ଘ ମାସ କରୋନା ମହାମାରୀ ସମୟରେ ସାମ୍ବାଦିକମାନେ ନିର୍ଭୟରେ କାର୍ଯ୍ୟରତ ରହିଛନ୍ତି ।

ଦେଶର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଡାକ୍ତର, ନର୍ସ, ପୋଲିସ, ଜନ ପ୍ରତିନିଧିଙ୍କ ଠାରୁ ଅଲଗା ହୋଇ ଖବର ପାଇଁ ଦିନରାତି ରାଜ ରାସ୍ତାକୁ ଓହ୍ଲାଇ ଦେଶର ହିତ ପାଇଁ ଖବର ପ୍ରସ୍ତୁତ କରୁଛନ୍ତି ।

ସେମାନଙ୍କ ପରିବାର ଏବଂ ଭବିଷ୍ୟତ ପାଇଁ ଅନ୍ୟ କୌଣସି ରୋଜଗାର ପନ୍ଥା ପାଇଁ ତାଙ୍କୁ ସମୟ ମିଳି ନଥାଏ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଜୀଙ୍କୁ ଭିଆଇପି ତରଫରୁ ସାମ୍ବାଦିକମାନଙ୍କୁ ଆହୁରି ନିରପେକ୍ଷ ଏବଂ ଦେଶସେବାରେ କାର୍ଯ୍ୟ କ୍ଷମତା ବଢାଇବା ପାଇଁ ଟ୍ରେନ୍, ବସ ଯୋଗେ ଯାତାୟତ ସମୟରେ ମୁକ୍ତ ଟିକେଟ ଯୋଗାଇବା, ୪ ଡିସିମିଲ ଘର ଡିହ ବାଡି ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ, ବିଜୁ ପକ୍କାଘର ବା ଇନ୍ଦିରା ଆବାସ ଭଳି ଯୋଜନାରେ ଘର ଯୋଗାଇବା, ବୀମା, ପିଲା ଛୁଆଙ୍କୁ ପାଠ ପଢାରେ ସାହାଯ୍ୟ, ସରକାରୀ, ଜାତୀୟ ଏବଂ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଖବର ପାଇଁ ଭତ୍ତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରିଛନ୍ତି ।

# ଖୁରାକି



ସଂକୀର୍ତ୍ତନ ମହାଲିଙ୍ଗ



ଜେଠ୍ ପୁନି କେ ଆର୍ ଦିନା ଚାରେ ଅଛେ । ବେଲ୍‌ବୁଡ଼ା ସମିଆଁ । ଭଁଡ଼ାର୍ କନୁଁ କଲାହାଁଡ଼ିଆ ମେଘ୍ ଟେ ଉଠି ଆଉଛେ ସାଙ୍ଗେ ବିଜ୍‌ଲି ଆରୁ ଧୁକାଗରେଲ୍ ଧରିକରି । ଇ ଘଡ଼େ ଛନେ ଭିତ୍‌ରେ ନଙ୍ଗଲ୍ କଁଟଉ ବର୍‌ଷା ଯେନ୍‌ତେଇ ହେଲେ ବର୍‌ଷିବା ଲେଖେଁ ଲାଗୁଛେ । ଚୁଆଁ ଢ଼ିପର୍ ଚକା ପଥ୍‌ରେ ବସିଛେ ମଙ୍ଗ୍‌ଲୁ ବୁଢ଼ା । ତାର୍ ଖଲ୍‌ଚୋ ଖାଲ୍‌ଚୋ ଗାଡ଼୍ ଭିତ୍‌ରୁ ଆଏଁଖ ଦୁଇଟା ଏକେସ୍‌କଁଟି ଦେଖୁଛେ ତାର୍ ବଡ଼୍ ଡୁଲିକେ । ଝାଉ ଖରା ଥି କର୍‌ପୁଡ଼ା ବେଲୁଆ ଧୁବ୍‌ଲା ଲଟା ଆର୍ ଧାନର୍ ଧୁବ୍‌ଲା ନଡ଼େଇ ତଲୁ ମାଏଟ୍ ଫାଟି କରି ଆଁ କରିଛେ । ଅଦିନିଆଁ ପାଏନ୍ ଥି ମାଏଟ୍ ବତର୍ ହେଇକରି କେତେଥର୍ ଠଡ଼୍‌କି ଗଲାନ’ ! ବୁଢ଼ା କାସେ ଜୁତି ନେଇଁ ପାର୍‌ଲା । ଉଆରା ଦୁଆରା କରି ଲଟା ମରିଥିଲେ ସିନେ ବିହନ୍ ଟେ ପଡ଼୍‌ଲେ ଗଜା ଟେ ହେବା ।

ଭଁଡ଼ାର୍ କନର୍ କଲିଆ ମେଘ୍ ଇହାଦେ ସିନା ଉଠିଛେ, ମଙ୍ଗ୍‌ଲୁର୍ ଛାତି ତଲେ ବଏଶାଖ୍ ମାସର୍ ଅଖିତୁର୍‌ତିଆ ବାସି ଦିନୁଁ କେତେନି କେତେ କଲିଆ ମେଘ୍ ଉଠିକରି ବର୍‌ଷେଁ ନି ବରଷେଁ ହଉଥିଲା ଯେ ମଙ୍ଗ୍‌ଲୁର୍ ଅଜାନ୍‌ତେ କେତେବେଲୁ ବର୍‌ଷି ଗଲାନ’ । ତାର୍ ଆଁଖିର ଡୁଡ଼ା ଦୁଇଟା ପୂରି ଗଲାନ’ । ଉଦା ସର୍ ସର୍ ମନ୍ ଭିତ୍‌ରେ ସବୁକଥା ସୋର୍ କରୁଛେ ମଙ୍ଗ୍‌ଲୁ । ନନି କେ କେହେନ୍‌ସି ଆଡୁ ଘର୍ ଦୁଆର୍ ନି ଉତ୍‌ରିଲେ ଯେ ଆଦେ ଗଲା ଚଏତର୍ ରାମ୍‌ନମୀ ଦିନେ ତାର୍ ସୁରୁ ପୁଓ କେ ବିହାକଲା କବାର୍ ଟେ ଉସ୍‌ରି ଥଉ ବଲି । ଗୁଛାକଟା, ପତର୍ ତୁଲା, ଟୋଲ୍ ମହୁଲ, ତାର୍ ଭତା ପଏସା ଆର୍ ଉନ୍‌ଝା କେନ୍ କେନ୍ ଅଁତେ ବୁତେ କରି ନନିର୍ ବିହାର୍ ଲାଗି ଯେନ୍ ପଏସା ଗୁଡ଼ାଦୁ ଠୁଲେଇ ଥିଲା, ସବୁ ସରିଗଲା ପିଲାର୍ ବିହା ଥି । ଇହାଦେ ଛୁଚା ହାତେ ଥାପ୍‌ଡ଼ି ପିଟୁଛେ ମଙ୍ଗ୍‌ଲୁ । ଶୂଇନ୍ ଶୂଇନ୍ ମହା ଶୂଇନ୍ । ବଡ଼୍‌ଖା ପିଲାର୍ ଜନମ୍ ହେବାର୍ ଦେଢ଼୍ ବଛର୍ ହଉଥାଏ ଆର୍ ସୁରୁ ପିଲା ଜନମ୍ ହେଲା । ଛାତିର୍ ଦୁହି ଫାଲେ ଦୁହି ପିଲା କେ ଏଖେ ଘାଏକେ ଗୁରସ୍ ପିଅଉଥିଲା ମଙ୍ଗ୍‌ଲୁର୍ ମାଏଝି । ଇହାଦେ ଦୁହି ପୁଓ ଘରଦୁଆରି ହେଲା ବେଲ୍‌କେ ଯାଇ କୁଟୁମ୍ କେ ଧରି କରି ଏକ୍‌ଲା ଏକ୍‌ଲା ପୁନ୍‌ଜି ବଢ଼ାବାର୍ ଲାଗି ଭିନେ ହେଇଗଲେ । ମାଁ ବୁଆ ଆରୁ ଅବିହାରି ଟୁକେଲ୍ ଗୁଟ୍‌କ’ କାହାର୍ ହେଇକରି ରହେବେ, ତାକର୍ ମୁଡ଼େ ଚିନ୍ତା ନେଇଁ । ଏତ୍‌କି ଦିନ୍ ତକ୍ କୁଟୁମ୍ ଯାକର୍ ଠାନେକେ ରନ୍ଧାବଢ଼ା କରି କେଡ଼େ ମଜା ଥି ଚଲୁଥିଲେ । ସାନ୍ ପିଲା ଆର୍ ସାନ୍ ଭୁଆସେନ୍ କେ କାଏଁ ବାଏ ଛିଇଁଲା ଯେ ଗଲା ଅଖିତୁର୍‌ତିଆର୍ ବାସି ଦିନେ ଅଲ୍‌ଗେ ରନ୍ଧା ବସାଲେ ପର୍‌ଚିର୍ କନେ ଆର୍ ଗୁଟେ ଚୁଇଲ୍ ପକେଇ କରି । ବୁଢ଼ା ଯେତେ ବୁଝାଲେ ବି ସାନ୍ ପିଲା ନେଇଁ ବୁଝ୍‌ଲା । ଗଅଁତିଆ ବୁଢ଼ା, ମାଷ୍ଟର୍ ବୁଢ଼ା, ଓ୍ୱାର୍ଡ଼ ମେମର୍ ସବ୍‌କୁ ଘରକେ ଡାକିଥିଲା ମଙ୍ଗ୍‌ଲୁ । ସବେ ବୁଝାଲେ, ହେଲେ କିଏ ଶୁନୁଛେ କାହାର୍ କଥା ! ବୁଢ଼ାବୁଢ଼ି ଆରୁ ଟୁକେଲ୍ ଗୁଟ୍‌କର୍ କଥା କେନ୍‌ତା କରବ ସେ ବୋ ବଏଲେ ଗଅଁତିଆ ବୁଢ଼ା ଯେ ବଡ଼୍ ଭୁଆସେନ୍ ବଏଲା – ଆମର୍ ଘରେ ମାସେ ଆର୍ ତାକର୍ ଘରେ ମାସେ ଖାଉନ୍ ନିଯେ ? ହେଲେ ସାନ୍ ଭୁଆସେନ୍ ପଢ଼ା ଟୁକେଲ୍ ଆଏ କିନି... ଚଟ୍ କରି କହିଦେଲା – ମୁଇଁ ଏତ୍‌କି ଲୁକର୍‌ଟା ରାନ୍ଧିବାଢ଼ି କରି ଘାଁଟି ସାନି ହେଇ ନେଇଁପାରେଁ । ଧାନ୍ କେତେ କେତେ ନେଲେ ବଛରେ ଚଲ୍‌ବେ ଯେ, ହେଟା କହିଦଅ, ଆମେ ଦେଇଦେମୁ । ତାପ୍‌ନେ ତ’ ଭତା ପଏସା ପାଉଛନ, ହେଥି ନେଇଁ ଚଲ୍‌ବେନ’ । ବଡ଼୍ ଭୁଆସେନ୍ ମୁହୁଁ ହଲେଇ କରି କହେଲା – ତମର୍ ଲେଡ଼ି ଲେଡ଼୍‌କା କିଛି ନେଇଁ, ଠେଙ୍ଗ୍ ଠେଙ୍ଗୁଆ ଦୁଇ ଝନ୍ । ତମେ ଯଦି ରାନ୍ଧିବାଢ଼ି କରି ଦେଇ ନେଇଁପାର, ମୋର୍ ତ’ ତିନ୍ ତିନ୍‌ଟା ଛୁଆ, ମୁଇଁ କେନ୍‌ତା କରି ଦେଇ ପାର୍‌ମି । ତାର୍ ପଦେ କେ ତାର୍ ପଦେ କରି ଗାଲିଝଗର୍ ବଢ଼ିଗଲା ।

ମଙ୍ଗ୍‌ଲୁର୍ ଛାତି ଟା କର୍‌ତି ହେଇ ଯଉଥାଏ । ତାହାକେ କରିଆ ପିନ୍ଧା ବଏସ୍ ହେଲା ବେଲ୍‌କେ ତାର୍ ବୁଆ ମରିଗଲା । ଗଅଁତିଆ ଘରେ କୁଠିଆ ରହିକରି ଛେଲ୍ ମେଢ଼ି ଚରେଇ କରି ତାର୍ ମାଁ କେ ପୁଷ୍‌ଲା । ନିଜେ ବିହା ବର୍‌ପନ୍ ହେଲା । ତାର୍ ମାଁ, ତିନ୍‌ଟା ଛୁଆ ଆର୍ ମାଇକିନା... ଏନ୍‌ତା କରି ପାଁଚ୍ ପରାନୀ କୁଟୁମ୍ ପୁଷ୍‌ଲା । କେଭେ କାହାର୍ ଖାଏଦ୍ ପିନ୍ଧନ୍ ଥି ଅଭାବ ନେଇଁ ହେଇ ଦେଇ । ଆଏଜ୍ ବଏସ୍ ଗଲାକେ ଥିର୍ ଢୁକେକର୍ ଲାଗି ଆଏଜ୍ ଘରେ ମହାଭାରତ୍ ଲାଗ୍‌ଲା । ତାର୍ ମାଏନ୍ ସନ୍‌ମାନ୍ ସବୁଗଲା । ସବୁ ମାଁବୁଆକର୍ ବାଗିର୍ ତାର୍ ବି ଆଶ୍ ଟେ ଥିଲା ଯେ, ବୁଢ଼ା ବେଲ୍‌କେ ତାର୍ ପୁଓବହ ଥିର୍ ଢୁକେ ଦେବେ ଆର୍ ତାପ୍‌ନେ ବସିକରି ନାତିନାତେନ୍ କେ ଖେଲେଇ କରି ବାଁକି ଦିନ୍ କେ କଟେଇ ଦେବେ । କେନ୍‌ତା କରି ସହି ପାର୍‌ତା ମଙ୍ଗ୍‌ଲୁ । ଭୋ’ ଛାଡ଼୍‌ନୁଁ କାନ୍ଦି ପକାଲା ଆର୍ ବଏଲା – ନାଇଁ ମତେ ତମର୍ ଧାନ୍ ଚଉଲ୍ କିଛି ଦର୍‌କାର୍ ନେଇଁ । କାହାର୍ ହାତୁ ମୁଇଁ ଛିନି କରି ନେଇଁ ଖାଏଁ ବୋ ! ଇହାଦେ ବି ଇ ବୁଢ଼ା ହାତେ ତାକତ୍ ଅଛେ, ମୋର୍ ଝି ଆରୁ ବୁଢ଼ି କେ ପୁଷି ନେଇ ପାର୍‌ମି । ଦର୍‌କାର୍ ନାଇଁନ’ ମୋର୍ ଖୁରାକି । ପେଟୁ ଉଲ୍‌ଟି କରି ଯେନ୍ ଗାରେ କିରେ କରିଦେଇଛେଁ ହେଟା ବି ନିଅ । ମୋର୍ କିଛି ବି ଦର୍‌କାର୍ ନେଇଁ । ହେକେଇ ହେକେଇ କାନ୍ଦ୍‌ଲା ମଙ୍ଗ୍‌ଲୁ । ହୁରୁଦ୍ ଭିତ୍‌ରର୍ ଦରଦ୍ କେ ବୁଝ୍‌ବାର୍ ଲାଗି ହୁରୁଦ୍ ଟେ ଦର୍‌କାର । ତାର୍ ପୁଓ ବହମାନେ ତ ଅଲ୍‌ଗେଇ ହେବାର୍ ନିଶା ଥି ମାତାଲ୍ ହେଇ ଯାଇଛନ୍ । ମଙ୍ଗ୍‌ଲୁର ଦରଦ୍ କେ ବୁଝ୍‌ବାର୍ ଲାଗି ତାକର୍ ସମିଆଁ କାଇଛେ ! ଶେଷେ ପୁଓ ବହ ସଫା ସଫା ଶୁନେଇ ଦେଲେ, ଆମେ ଯାର୍ ମାରେ କୁଟେ ସେ ଚଲ୍‌ମୁ । ହେ ଜମିନ୍ ଟିକ୍‌କ’ ତୁଇ କମେଇ କୁଠେଇ କରି ତୋର୍ କୁଟୁମ୍ କେ ପୁଷ୍, ନନି କେ ବଟା । ତାର୍ ଉତାରୁ ଯେନ୍‌ତା ହେଲେ କର୍‌ମା ।

ପଥ୍‌ରେ ବସି କରି ସବୁକଥା କେ ସୋର୍ କରୁଥିଲା ମଙ୍ଗ୍‌ଲୁ । କେତେ ବେଲୁ ଆଁଖିର୍ ଡୁଡ଼ା ଥୁ ଉଛ୍‌ଲି କରି ଲହ ତାର୍ ପାଚ୍‌ଲା ଦାଢ଼ି କେ ଭିଜେଇ ଦେଲାନ’ ତାହାକେ ଜନା ନେଇଁ । ପାଚ୍‌ଲା ପତର୍ ଝଡ଼୍‌ବା କେ ହେଲାନ’, ତଥାପି ତାର୍ ଚିନ୍ତା କେଭେ ନେଇଁଗଲା । ବର୍‌କସିଆ ପୁଓ ଦୁଇଟା କେ ପାଲିପୁଷି କରି ମୁନୁଷ୍ କରି କରି କେତେ ଲାଭ ପାଇଛେ ଯେ, ବୁଢ଼ା ପାଠ୍ ନେଇଁ ପଢ଼ିଥିଲେ ବି ତାର୍ ମନର୍ ସିଲେଟ୍ ଥି ବଢ଼ିଆଁ ହିସାବ୍ କରି ପାରୁଥିଲା ଆର ସେ ହିସାବ୍ କେ ତାର୍ ଆଁଖିର୍ ଲହ ଥି ମେଟେଇ ଦଉଥିଲା ।

ଫଟାବାହାଲ, ଚନ୍ଦନଭାଟି

## ପହଁ ପହଁ ଛଏଁରା



ଚତୁର୍ଭୁଜ ସାଆନ୍ତ

କାଠ୍ ଖାରେ ମାଜିଘଁସି ଖୁରିଗିନା
କେଭେ ମନ୍ ନାଇଁକରେ ଉନା
ହୁରୁଦ୍ ଭାବ୍ ଝଲ୍‌ଝଲା ପାଏନ୍
ଦଉଥିସି ଦେଇ କରାସି
ଲେଟେଇ କରି ଠାଢ଼୍ ହେସି
ପହଁ ପହଁ ଛଏଁରା ।

ବନେ ଆଘୋ ନୁ ଆକାଶେ
ଯେନ୍ ଜଲୁଥିଲା ଦପ୍‌ଦପା ଡିବ୍‌ରୀ
ଭଁଟାକେ ପାହା ପକାଲେ ବୁପ୍‌ରୀ
ଢାପିଢୁପି ହେଇ ଶୁଇ ପଡ଼୍‌ଲେନ’
କେଭ୍‌ନୁ
ମୁହୁଁ ନାଇଁ ଥିବା ଗାଗର୍ କେ ଧରି ।

ବେଲ୍ ଉଦୁ କି ନାଇଁ ଉଦୁ
ସକାଲ୍ ସକାଲ୍ ଦର୍‌ପନ୍ ଦିହେଁ
ଗୁଟେ ଲାଲ୍ ସେନ୍ଦୁର୍ ଟିକା ଉଦି ଆଏସି
ରନ୍ଧାଘର ତେଲ୍ ଚିଟ୍‌କା, କୁହୁଲା
କେଭେ ମନ୍‌କେ ନି’ କରିପାରେ ମଏଲା ।

ଆକାଭୂତ୍ ଗେଲ୍‌ହେଇ ଶବଦ୍‌ମାନେ
ଠେଲିପେଲି ଲମିଥିସନ୍ ଉଲ୍‌ଗୁଲାନ୍ କେ
ଲେତାଘଁସା ଦୁତିଆ ଦେଖା କେ
ହେତ୍‌କେ ମଝ୍‌ଲି ବଖ୍‌ରୀ ଖଟ୍‌ତଲେ
ଢେଁଢ଼ାମୁଡ଼ା ମନର୍ ଉଉଁରି ।
ବହଲିଆ ଛାଏଁ ଏନ୍‌ତା ରାତିର୍ ଛାତି ଥି
ଦୁର୍‌ମୁସ୍ ପିଟୁଥିସି ଖୋବ୍ ମଧୁର ଅନ୍ଧାରର୍
ହାତ୍ ।
ରୁବେନ୍ ଲୁଢ଼ା ଲେଖେଁ କିନ୍ଦ୍‌ରି କିନ୍ଦ୍‌ରି
ଜିରି ଯଉଥିବାର୍ ଆଏଷ’ କେ
ଆସ୍‌ବାର୍ ଦିନର୍ ଲାଗି
ଶିକ୍‌ଲି ଥି ଦିହିଁର୍ ଠେଁକି କେ ଉଲେଇଥିସି
ସଁସାର୍‌କରୀ ଈଶ୍ୱରୀ ।

ଦିନ୍ ସର୍‌ତା ଘରେ ଢୁଁଡ଼େଇ ଢ଼ାଁଡ଼େଇ
ହେଇ
ହେଲ୍‌ବେଲିଆ ଅନୁରାପନ୍ କେ
ବେଲ୍ ଶୀତଲ୍ କେ ସାଁକ୍‌ଲି ବେଟ୍‌ଲି ଥୁଇ
ମସାନ୍‌କୁନେ
ସଁପିସାରି ଦେସି ସୁନାଖାଡ଼ି ଦିହିଁ
ରକତ୍‌ମୁହାଁ ଦେବ୍‌ତା ଠାନେ ।

ନାଇଁସେ କଲ୍‌କଲି, ପଅଁଲା ମାଲି
ରାଏତ୍ ସର୍‌ତା ରକତ୍ ମାଏଲି, ସଁସାର୍
ଖୁଲି
ପୁର୍‌ଥୀ ଆଏଷ’ କେ
ଜୁଗ୍‌ରଉଥିସି ଝୁଲି
ଗୁଲାମୁଲା ଦିହିଁ କେ କାଁଚି
ସକାଲ୍‌ପୁଆ କେ ଶୁଖେଇ ଥିସି
ଢେଁକ୍‌ପହର୍ ଅଡ଼ା ଥି
ଧୁକା ଥି ଦୁଲୁଥିସି ସେନ୍‌ହୋ
ଶର୍‌ଧାର୍ ହୁଲାହୁଲି ।

ହର୍‌ମେସା ଚକ୍‌ଚକାସି ମତ୍‌ତନ୍
ଖୁରିଗିନା
କେଭେ ମନ୍ ନାଇଁ କରେ
ଉନା !!



ବିଇଓ. ଅଫିସ୍
ଟିଟିଲାଗଡ଼୍, ବଲାଙ୍ଗିର –
୭୬୭୦୩୩
ମୋ – ୭୭୫୧୯୪୨୮୪୦

## ପୁସ୍ ହଉ କି ଫଗୁନ୍



ଗଜାନନ ମିଶ୍ର

ପୁସ୍ ହଉ କି ଫଗୁନ୍
ଯମ୍‌ରା ଯେ ନି’ ଖାଏ
ହେଟା ନି’ କହେବ !

ତାକତ୍ ଦେଖାବାର୍ ବି
ନି ନ’ କିଛୁ
ବାଘ୍ ଭାଲୁ ଯେନ୍‌ମାନେ
ଅଛନ୍, ହେମାନେ
ବଦ୍‌ଲାବାର୍ ଥି ଲାଗିଛନ୍
ରୂପ୍.... ଚେହରା ।
ଆସୁନ୍ ବଲ୍‌ବାର୍‌ଟା ନେଇଁସେ
ଯଉନ୍ ବଲ୍‌ବାର୍‌ଟା ବି
ନି ନ’ ଅଧିକାର ।
ଦୁଖର୍ ସୁଖର୍ ନି ନ’ ଖିଆଲ୍ ।

ହେଲେ ସନ୍‌ମାନ୍ ଟିକେ
ଯାହାକେ ଯେନ୍‌ଟା
ମିଲ୍‌ବାର୍ କଥା ନେଇଁ ମିଲ୍‌ଲେ
ଲାଗ୍‌ସି ଦୁଖ୍ ବଲତ’ ।

ହେଟା ବି ଆମର୍ ଆଏତେ
ନାଇଁ ନ ଜାନୁଛୁଁ ଯଦର୍‌ଭି
ଜାନିଛୁଁ ସମିଆଁର୍ ଖେଲ୍ ସବୁ ।

ଫେର୍ ବି ତ ଅଛୁଁ
ଅଛୁଁ ଭାଏଦଦା ବଲାବଲି ହେଇକରି
ଆରୁ ଅଛୁଁ ଯେତ୍‌କି ବେଲ୍‌ତକ୍
ହେଟା ନ’ ଆମର୍ ସବୁ ।



### ଗପଟିଏ

# ନାୟକ

**ସୁଶୀଲ କୁମାର ବାଗ**

ସେତେବେଳେ ମୁଁ ପଢୁଥାଏ ପଞ୍ଚମରେ । ପାଠ ଭଲ ପଢୁଥାଏ ସତ, କିନ୍ତୁ କେହି ଆକଟ କରିବାକୁ ନଥିବାରୁ ଦୁଷ୍ଟାମୀ ମୋର ବଢ଼ିଚାଲିଥାଏ । ସେଥିମଧ୍ୟରୁ ସ୍କୁଲ୍ ବନ୍ଦ କରି ଦିନତମାମ୍ କ୍ରିକେଟ୍ ଖେଳିବା, ଖରାତରା ନମାନି ପାଣି ପହଁରିବା, କେନ୍ଦୁ, ଚାହାଁର, କୁସୁମ, ଜାମ୍‌ଲି ଖାଇବାକୁ ଯାଇ ଦିନର ଅର୍ଦ୍ଧାଧିକ ସମୟ ବରବାଦ୍ କରିଦେଉଥିଲି ମୁଁ ।

ଘରେ ମାଆ ବା କେତେ ବାରଣ କରିବ ? ତା' କଥାକୁ ବାଏଁବାଏଁ ଉଡ଼ାଇଦିଏ । ମାଆ ରାଗେ, ବାଡ଼ାବାଡ଼ି କରେ, ନ ପାରିଲେ ନିଜେ ଭୋ'ଭୋ କରି କାନ୍ଦେ । ମାଆ ମାରିଲେ, ଗାଳି କଲେ କାଟେନି; କିନ୍ତୁ ସେ କାନ୍ଦିଲେ ମୁଁ ବି କାନ୍ଦିଉଠେ ।

ତା'ପରେ ଯୋଉକଥାକୁ ସେଇକଥା । ଧୀରେଧୀରେ ଚଗଲାମି ମୋର ବଢୁଥାଏ ସିନା, କମିବାର ନାଁ ନାହିଁ । ଏମିତି ସେଦିନ ଦଶ'ରା ଦେଖିବାକୁ ଘରେ ନକହି ଚାଲିଗଲି ଲାଞ୍ଜିଗଡ଼ ରୋଡ୍ ।

ମୋ' ସହିତ ଯାଇଥିଲେ ଆମ ଗାଁର ସ୍ତ୍ରୀ-ପିଲା, ବୁଢ଼ା, ଭେଣ୍ଡିଆ ହୋଇ ପନ୍ଦର ସରିକି ଲୋକ । କିଏ ପିଢ଼ା, କିଏ ବସ୍ତା ତ କିଏ ପଟି ଧରି ଆମେ ଯାଇଥାଉ । ଆମ ଗାଁରୁ ଲାଞ୍ଜିଗଡ଼ ରୋଡ୍ ପ୍ରାୟ ୧୦ କି.ମି. ଦୂର । ତେଣୁ ସନ୍ଧ୍ୟା ୫ଟାରୁ ହିଁ ବାହାରିପଡ଼ିଲୁ । ଚାଲିଚାଲି ଯିବା କଥା ।

ବାଟରେ ପଡ଼େ 'ବଡ଼ଜଙ୍ଗଲ' । ବଡ଼ ମାନେ ବଡ଼ବଡ଼ ଗଛ ଚାରିଆଡ଼େ, ଘଞ୍ଚ-ପୁରାପୁରି ଘଞ୍ଚ । ଚୋର, ତସ୍କର, ବାଘଭାଲୁର ଭୟ । ଆଉ ଜଙ୍ଗଲ ମଝାମଝି ଟାଙ୍କିଚୁଆଁ । ସେଇଠି କୁଆଡ଼େ ଚୋରମାନେ ଚୋରିମାଲ୍ ଲୁଚାଇ ରଖନ୍ତି । ଲୁଟ୍‌ପାଟ୍ ପରେ ଲୋକଙ୍କୁ ବି ଭିତରେ ଝପେଇ ଦିଅନ୍ତି । ପୁଣି କଳାଘୁମର ପାଣି ତଳେ ମସ୍ତବଡ଼ କୁମ୍ଭୀରଟିଏ ବସା ବାନ୍ଧିଛି ।

ଏଇ କଥା ଛୋଟବେଳୁ ଶୁଣିଥିଲି । ତାକୁ ନେଇ ଡର ଏବେ ବି ଯାଇନାହିଁ । ଡରିଡରି ଚାଲୁଚୁ ସମସ୍ତେ । ହାତକୁ ହାତ ଧରି । ପଛେ କିଏ ହେଲେ ସତେ ମଲା ।

ଏମିତି ଭାବରେ ପହଞ୍ଚିଲୁ ଯାଇ ମହେଶ୍ୱରପୁରରେ । ମହେଶ୍ୱରପୁର ଏକ ଛୋଟିଆ ଗାଁ । ଗାଁର ନାଁ ପ୍ରକୃତରେ ମାହେଶ୍ୱରୀପୁର । କୋଡ଼ିଏ ଖଣ୍ଡେ ଘର, କିନ୍ତୁ ତାକୁ ଲୋକେ କଲୋନୀପଡ଼ା ବୋଲି ବି କହନ୍ତି । ସେଇଠି ପହଞ୍ଚିଲା ବେଳକୁ ସନ୍ଧ୍ୟା ସାତଟା । ରହିଲୁ ଜଣକ ଘରେ ।

ଜଣକ ଘରେ କହିଲେ ଠିକ୍ ହେବନି । ଘର ମାଲିକଙ୍କ ନାଁ ହରେକୃଷ୍ଣ । ମୁଁ ଏଇ ନାଁଟା ପ୍ରଥମେ ପ୍ରଥମେ ଶୁଣି ବହେ ହସିଥିଲି । ହରେକୃଷ୍ଣ ଗୋଟେ କି ନାଁ ମ ! କିନ୍ତୁ ହରେକୃଷ୍ଣ ନାଁଟି ତାଙ୍କୁ ଠିକ୍ ମାନୁଥିଲା । କପାଳରୁ ନାକ ଯାଏଁ ଇଂରାଜୀ ଅକ୍ଷର "ୟୁ" ପରି ଗୋଟେ ଲମ୍ବା ଚିତା । ଗଳାରେ ତୁଳସୀମାଳ । କାନ୍ଧରେ ପଇତା ।

ଛୋଟିଆ ଦୁଇବଖରା ଝାଟିମାଟି ଘର । ଘର କୋଣକୁ ଗୋଟେ ଛୋଟିଆ କାଠପଟା । ତା' ଉପରେ ଭଳିକିଭଳି ଫଟୋ । ରାଧା-କୃଷ୍ଣ, ରାମ-ଲକ୍ଷ୍ମଣ-ସୀତା-ହନୁମାନ, ଲକ୍ଷ୍ମୀ-ନୃସିଂହ ସମସ୍ତେ ବିରାଜମାନ ।

ଆମେ ସମସ୍ତେ ସାମୟିକ ଭାବେ ଆଶ୍ରୟ ନେବାକୁ ଯାଇ ତାଙ୍କ ଘରେ ପହଞ୍ଚିଲୁ । ଆମ ଭିତରୁ କେହିକେହି ତାଙ୍କୁ ଗୋପାଳପୁରରୁ ଆସିଛୁ କହି ପରିଚୟ ଦେଇ ନମସ୍କାର କରିବାରୁ ସେ ପ୍ରତିନମସ୍କାର ବଦଳରେ ସମସ୍ତଙ୍କୁ 'ହରେକୃଷ୍ଣ ହରେକୃଷ୍ଣ' କହୁଥିଲେ । ଏବେ ମୁଁ ଠିକ୍ ବୁଝିଲି ତାଙ୍କ ନାଁ ହରେକୃଷ୍ଣ କାହିଁକି ହୋଇଛି ବୋଲି । ଛୋଟ ଘର, ଭିତରେ ଜାଗା ନାହିଁ । ଏଣୁ କିଏ ପିଣ୍ଡାରେ କିଏ ଚଉରାମୂଳେ କିଏ ଦୁଆରେ ବସିପଡ଼ିଲେ । ସେତେବେଳକୁ ରାତି ଆଠଟା ବି ହୋଇ ନଥାଏ ।

ରାତି ଦଶଟା ନହେଲେ ବା କି ପୂଜା, କି ମଜା । ଆମେ ଦର୍ଶନ କମ୍; ନାଟ, ଡ୍ରାମାର ମଜା ଲୁଟିବାକୁ ଯାଇଛୁ ଆଉ ହରବର ହେବୁ କେମିତି ? ମାହେଶ୍ୱରୀପୁରଠାରୁ ଲାଞ୍ଜିଗଡ଼ ରୋଡ୍ ବି ଅତି ବେଶୀରେ ଗୋଟେ କିଲୋମିଟର ହେବ ।

ବସୁବସୁ, କଥା ହେଉହେଉ ରାତି ନଅଟା ହେବାକୁ ବସିଲା । ହରେକୃଷ୍ଣ ଘରେ କିନ୍ତୁ ଆମକୁ ଆତିଥ୍ୟ ଦେବାରେ ହେଳା କରିନଥିଲେ । ଆମ ଛୋଟଛୋଟ ପିଲାଙ୍କୁ ଭାତ ଖାଇବାକୁ ଯାଚିଲେ, କିନ୍ତୁ ଆମେ କି ଖାଇବା ଲୋକ ! ଆମ ମନ ତ ଦଶ'ରା ଯାତରେ ଲାଗିଛି । ଆଉ କି ଭୋକ, କି ଶୋଷ ? ସେମିତି ବଡ଼ମାନଙ୍କୁ ନାଲିଚା' ମୁନ୍ଦେମୁନ୍ଦେ ଦେଇ ଆପ୍ୟାୟିତ କରିଥିଲେ ।

ଏହାପରେ ଆମେ ସମସ୍ତେ ପୂଜା ଦେଖିବାକୁ ବାହାରିପଡ଼ିଲୁ । ଚାଲିଚାଲି ଯିବାକୁ ମଜା ଲାଗୁଥାଏ ଆମକୁ । ଧୀରେଧୀରେ ପୂଜାସ୍ଥଳରୁ ବାଜୁଥିବା ମାଇକ୍ ଶବ୍ଦ ଶୁଭିଲା । ଲୋକଙ୍କ ଗହଳି ବଢ଼ିଲା । ଆମେ ଯାଇ ପହଞ୍ଚିଲୁ ପୂଜାମଣ୍ଡପ ପାଖରେ । ଆଗରେ ବିରାଟ ତୋରଣ । ଆଖିଝଲସା, ନୀଳ, ନାଲି ବିଦ୍ୟୁତ୍ ଆଲୋକ, ଚାରିଆଡ଼େ ଲିଚୁମାଳା । ବାଦାମ୍, ଚଣା, ଚାଟ୍, ଚା' ଦୋକାନ ଗୋଟେ ପରେ ଗୋଟେ । ଝିଅ-ପୁଅ, ବୁଢ଼ା-ଟୋକା ସମସ୍ତଙ୍କ ଭିଡ଼ । ଆମକୁ ବାରମ୍ବାର ତାଗିଦ୍ କରାଯାଇଥାଏ ଏକ୍ଲା ନହେବାକୁ ।

ଇତିମଧ୍ୟରେ ଆମ ଗାଁରୁ ଯାଇଥିବା ସେଇ ବୟସ୍କା ମହିଳାମାନେ ପୂଜାମଣ୍ଡପ ନିକଟରେ ଥିବା ପେଣ୍ଡାଲ ନିକଟରେ ପିଢ଼ା, ବସ୍ତା, ଚଟି ପକେଇ ସାରିଥିଲେ । ଆବୋରି ବସିଥିଲେ ଜାଗା ।

ସବୁଦିନ ଗୀତିନାଟ୍ୟ, ଦଣ୍ଡନାଟ, ହରଣ, ବଧ ଓ ସୁଆଙ୍ଗ ହେବା ବଦଳରେ ସେଦିନ ଥିଲା କମିଟି ପ୍ରଯୋଜିତ ଏକ ସାମାଜିକ ନାଟକ ।

ନାଟକଟିର ନାଁ ବି ବାରମ୍ବାର ଘୋଷଣା କରାଯାଉଥାଏ ମାଇକ୍‌ରେ -'ଆସନ୍ତୁ ଦର୍ଶକ ବନ୍ଧୁ, ଆଜି ଲାଞ୍ଜିଗଡ଼ ରୋଡ୍ ଦୁର୍ଗାପୂଜା କମିଟି ଭେଟିଦେବାକୁ ଯାଉଛି ଏକ ସାମାଜିକ ନାଟକ "କଚେରୀ ନା ବଡ଼ ଦେଉଳ, ହାକିମ୍ ନା ଜଗା" । ଦୁର୍ଗାପୂଜା କମିଟି ଆଜି ମଞ୍ଚସ୍ଥ କରିବ ନାଟକ... । ଆପଣମାନେ ସପରିବାର ଆସି ନିଜନିଜର ସ୍ଥାନ ଗ୍ରହଣ କରିନିଅନ୍ତୁ । ଆଉ ଅଳ୍ପ ସମୟ ମଧ୍ୟରେ ଆରମ୍ଭ ହେବ ଆମର ଏହି ନାଟକ ।'

ଆମେ ସବୁ ଉତ୍କଣ୍ଠିତ ହୋଇ ଚାହିଁରହିଲୁ ସୁସଜ୍ଜିତ ମଞ୍ଚକୁ । ସେଠି ଭଳିକି ଭଳି ଲାଇଟ୍ ଜଳୁଥିଲା, ଲିଭୁଥିଲା । ମଞ୍ଚ ପଛରୁ ଶୁଭୁଥିଲା ତବଲା, ହାରମୋନିୟମ୍ ଆଦିର କେଁ'କେଁ, ଡୁମ୍‌ଡୁମ୍ ଶବ୍ଦ । ଆମେ ଚାହୁଁଥିଲୁ । ନିରାଶ ହେଉଥିଲୁ । ମଞ୍ଚ ଉପରେ ଲୋକଙ୍କ ଯାତାୟତ ବି ଲାଗିରହିଥିଲା ।

ଶୁଭୁଥିଲା- 'ହାଲୋ ଚିକ୍, ମାଇକ୍ ଟେଷ୍ଟ, ଓ୍ୱାନ୍ ଟୁ । ଆମେ ପିଲାମାନେ ବିରକ୍ତ ହେଉଥିଲୁ । କୁହାକୁହି ହେଉଥିଲୁ- ନାଟକ ଆରମ୍ଭ ହେବ କେତେବେଳେ ? ଛୋଟବେଳୁ ଦଣ୍ଡନାଟ, ପାଲା, ଗୀତିନାଟ୍ୟ ଖାଲି ଦେଖିଥିବା ଆମ ପିଲାବୁଦ୍ଧିରେ ସାମାଜିକ ନାଟକ ବା ଅପେରାର ଗୁରୁତ୍ୱ ଥିଲା ଢେର୍ ବେଶୀ । ଶେଷରେ ଆମ ଉତ୍କଣ୍ଠାର ଅନ୍ତ ହେଲା ।

ଆରମ୍ଭ ହେଲା ନାଟକ । ପ୍ରଥମେ ବାହାରିଲେ ଜଣେ ବୟସ୍କ ବ୍ୟକ୍ତି । ବୋଧେ ସେ ବାପା ଭୂମିକାରେ ଅଭିନୟ କରିଥିଲେ । ତା' ପରେ ତାଙ୍କ ସ୍ତ୍ରୀ, ପୁଅଝିଅ ।

ଧୀରେ ଧୀରେ କାହାଣୀ ଆଗକୁ ବଢ଼ିଲା । କମେଡିଆନ୍‌ମାନେ ଆସିଲେ, ହସେଇ ହସେଇ ବେଦମ୍ କଲେ ।

ନାଟକର କାହାଣୀ ମୁଖ୍ୟତଃ ଏଇଆ ଥିଲା ଯେ, ଗୋଟେ ସୁଖର ପରିବାର ଉପରେ ଦିନେ ଝଡ଼ ଉଠିଛି । ଝିଅକୁ ରେପ୍ କରାହୋଇଛି । ଆଉ ଭାଇ ପ୍ରତିଶୋଧ ନେବାକୁ ଯାଇ ପଡ଼ିଛି ଜେଲ୍‌ରେ । ପୁଣି ସେମାନଙ୍କର ଭାଗ୍ୟ ଉଦୟ ହୋଇଛି । ସେମାନଙ୍କୁ ନ୍ୟାୟ ମିଳିଛି । ଅଲଗା ହୋଇଥିବା ପରିବାର ପୁଣି ଏକାଠି ହୋଇଛନ୍ତି । ସେଥିମଧ୍ୟରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଏକ ଚମତ୍କାର ଚରିତ୍ର ଭାବେ ଚିତ୍ରଣ କରାଯାଇଛି । ଆଧ୍ୟାତ୍ମିକତା ଜରିଆରେ ଦୁଃଖ ଲାଘବ ଓ ସାମାଜିକ ବାସ୍ତବତାକୁ ନାଟକଟିରେ ଜୀବନ୍ତ ଭାବେ ତୋଳିଧରିଥିଲେ କଳାକାରମାନେ । କିନ୍ତୁ ନାଟକରେ ହୀରୋ ବା ନାୟକର ଅଭିନୟ ସେଦିନ ଛୁଇଁଥିଲା ସମସ୍ତଙ୍କ ମନକୁ । ତା' ଅଭିନୟ, ଡାଏଲଗ୍ କହିବାର ଶୈଳୀ ।

ହସ, କାନ୍ଦ ଓ ଗମ୍ଭୀର ଭାବକୁ ବେଶ୍ ଫୁଟାଇ ପାରିଥିବା ସେଇ ନାୟକ ଚରିତ୍ରରେ ଅଭିନୟ କରୁଥିଲା ଟଙ୍କ ଦା' । ପୁରା ନାଁ ଟଙ୍କଧର ମାଝୀ । ସାରା ନାଟକରେ ତା'ର ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା । ଅବ୍ୟବସ୍ଥା ବିରୁଦ୍ଧରେ, ଦୁର୍ନୀତି ବିରୁଦ୍ଧରେ, ସାମାଜିକ କୁସଂସ୍କାର ବିରୁଦ୍ଧରେ, ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରୁଥିବା ଏକ ଦମ୍‌ଦାର ଚରିତ୍ରରେ ଥିଲା ଟଙ୍କ ଦା' ।

ସମସ୍ତେ ଘନଘନ ତାଳି ମାରୁଥିଲେ ଯେବେ ଟଙ୍କ ଦା' ମଞ୍ଚକୁ ଆସୁଥିଲା । ସଂଳାପ କହୁଥିଲା । ନାଟକରେ ତାର ଚରିତ୍ରର ନାଁ ଥିଲା ଦୁଷ୍ମନ୍ତ । ମୁଁ ହଜିଯାଇଥିଲି ସେଇ ଦୁଷ୍ମନ୍ତ ଚରିତ୍ର ଭିତରେ । ଭାବୁଥିଲି ମୁଁ ବି ଦିନେ ଦୁଷ୍ମନ୍ତ ହେବି ।

ସକାଳ ପାହି ଆସିବାବେଳକୁ ନାଟକ ସରିଲା । ନାୟକ ଦୁଷ୍ମନ୍ତର ଉପସ୍ଥିତ ବୁଦ୍ଧି ଯୋଗୁଁ ତାର ପାଗଳ ବାପ ଭଲ ହୋଇଗଲା । ରୋଗୀଣା ମା'ର ଅବସ୍ଥା ସୁଧୁରିଗଲା । ଶେଷରେ ଖଳନାୟକ ହାତରେ ପଡ଼ିଲା ହାତକଡ଼ି ।

ନାଟକର ସେଇ ଦୁଷ୍ମନ୍ତ ଚରିତ୍ର ଭିତରେ ହଜିଯାଇଥିବା ମୋ' ପରି ଗୋଟେ ଅବୋଧ ବାଳକ ନିଦୁଆ ଆଖି, ହୀରୋର ଠାଣିମାଣି ନେଇ ଘରକୁ ଫେରିଲା । କେତେବେଳେ ଡେଇଁଲୁ ବଡ଼ଜଙ୍ଗଲ, କେତେବେଳେ ଡେଇଁଲୁ ଟାଙ୍କିଚୁଆଁ ଆଉ ସାନ୍ଦୁଲ ନଦୀ, ମୋର ଆଉ ମନେନାହିଁ ।

ଘରେ ପହଞ୍ଚିଲାବେଳକୁ ମୋତେ ସବୁ ଅଜବଅଜବ ଲାଗୁଥିଲା । ଦୁନିଆରେ ସବୁ ଚାଲୁଥିବା କାମ ଏ'ଟା ଠିକ୍ ହେଉନି, ଏ'ଟା ଠିକ୍ ହେଉଛି ବୋଲି କହିବା ଗୋଟେ ପ୍ରକାର ଅଭ୍ୟାସ ହୋଇଗଲା ।

ଅନେକ ଦିନଯାଏ ମୁଁ ନାୟକ ଦୁଷ୍ମନ୍ତକୁ ମୋ' ଭିତରେ ବସାବାନ୍ଧି ରହିବାକୁ ଜାଗା ଦେଇସାରିଥିଲି ।

ଇତିମଧ୍ୟରେ ମୁଁ ଷଷ୍ଠରେ ନାଁ ଲେଖାଇଲି । ଗାଁ ସ୍କୁଲ୍‌ରୁ ପାଠ ପଢ଼ିବାକୁ ଗଲି ତେତେଲ୍‌ପଡ଼ା । ତେତେଲ୍‌ପଡ଼ା ଆମ ଗାଁଠାରୁ ୩ କିଲୋମିଟର ।

ଏଇ ଗାଁର ନାଁ ବି ବଡ଼ ଅଜବ । ଗାଁରେ ଥିଲା ଗୋଟେ ଛୋଟ ଜଗନ୍ନାଥ ମନ୍ଦିର । ଆଉ ଗାଁର ଅର୍ଜିନାଲ ନାଁ ଥିଲା ରାମଚନ୍ଦ୍ରପୁର । କିନ୍ତୁ ରାମଚନ୍ଦ୍ରପୁର କହିଲେ କେହି ଜାଣନ୍ତି ନାହିଁ । ବରଂ ତେତେଲ୍‌ପଡ଼ା କହିଲେ ଲୋକେ ଠିକ୍ ବୁଝନ୍ତି । ସେଇଠି ପଢ଼ିବା ସମୟରେ ବଡ଼ ସାଇକେଲ୍‌ରେ ହାଫ୍‌ରେ ଯିବା ଅଭ୍ୟାସ କଲୁ ମୁଁ ଓ ମୋର ଭାଇ ।

ଆମେ ପୁଅ ଝିଅ ମିଶିକି ଯାଉ । କିନ୍ତୁ ଦିନସାରା ଭୋକରେ ଆଉଟୁପାଉଟୁ ହେଉ । କାରଣ ଗାଁ ସ୍କୁଲରେ ପଢୁଥିବାବେଳେ ଘର ପାଖ । ଭୋକ ଲାଗିଲେ ଘରକୁ ଉଡ଼ାନ୍ ଛୁ । ମନ ଲାଗିଲେ ଥାଳି ଧରି ଏମ୍‌ଡିଏମ୍ ଖାଇ ବସିବୁ । ତେତେଲ୍‌ପଡ଼ାରେ ତାହା ଆଉ ମିଳିଲାନି ।

ସେଠାରେ ପାଠ ପଢ଼ିବାବେଳେ ପୁଣି ସେଇ ଦୁଷ୍ମନ୍ତ ମୋ' ମନରେ ଘରକରି ରହିଥିଲା । ଦିନେ ଆମ ହେଡ୍‌ଆଜ୍ଞା ଜଗଦୀଶ ସାର୍ ମୋତେ ପିଟିବା ପାଇଁ ଯେତେବେଳେ ବାଡ଼ି ଉଞ୍ଚାଇଲେ, ସେଇ ସାହସରେ ହିଁ ତାଙ୍କ ହାତର ବାଡ଼ି ଧରି ପଚାରି ଦେଇଥିଲି- ଆଜ୍ଞା ମୋର ଭୁଲ୍ କ'ଣ ? ଆଉ କି ସେ ପିଟନ୍ତି, ସିଧା ଅଫିସ୍ ରୁମ୍‌କୁ ଚାଲିଗଲେ ।

ଏମିତି ବି ଥରେ ହୋଇଥିଲା ମୋର ହାଇସ୍କୁଲ୍ ପଢ଼ିବାବେଳେ । ସେତେବେଳକୁ ଦୁଷ୍ମନ୍ତ ଆଉ ନଥିଲା ମୋ' ମନ ଭିତରେ । ଏହା ପରେପରେ ଅନେକଥର ଲାଞ୍ଜିଗଡ଼ ରୋଡ୍ ଯାଇଛି । ଦଶ'ରା ଦେଖିଛି ଆଉ ବିଶେଷତଃ ଯେଉଁଦିନ ଦୁର୍ଗାପୂଜା କମିଟି ତା'ର ନିଜସ୍ୱ କାର୍ଯ୍ୟକ୍ରମ ରଖୁଥିଲା, ସେଦିନ ମୋ'ର ଥିଲା ନିଶ୍ଚିତ ଉପସ୍ଥାନ ।

ସେମିତି କମିଟିର ଅନେକ ଡ୍ରାମାରେ ସେଇ ମୋ' ପସନ୍ଦର ଅଭିନେତା ଟଙ୍କ ଦା' ହୀରୋ ସାଜୁଥିଲା । ସବୁଥିରେ ତା'ର ସେଇ ଦମ୍‌ଦାର୍ ରୋଲ୍ । କେଜାଣି କେମିତି ଡାଇରେକ୍ଟର୍‌କୁ କି କାହାକୁ ହାତକରି ସେ ଏମତି ଭଲ ରୋଲ୍‌ସବୁ ପାଉଥିଲା ! ତାକୁ ବେଶ୍ ଜୀବନ୍ତ କରି ଫୁଟାଉଥିଲା ସେ । ତାକୁ ଦେଖିଦେଖି ମୁଁ ଭାବେ- ହଁ, ତା' ଭୂମିକା ଭଳି ତା'ର ବ୍ୟକ୍ତିତ୍ୱ ଓ ଚରିତ୍ର ହୋଇଥିବ ବୋଲି ।


ଏମିତି ଏମିତି ମୁଁ ବଡ଼ ହେଲି । ଆଉ ହାଇସ୍କୁଲ୍‌ରୁ ପାଠ ସାରି କଲେଜ୍ ଗଲି । ତା'ପରେ ଡେଣାରେ ପର ଲାଗିବା ଭଳି ନର୍ଲା, ଭବାନୀପାଟଣା, ଅମ୍ବାଦଳା, ବିଷମକଟକ ଆଦି ଅନେକ ସ୍ଥାନକୁ ଯାତ୍ରା ଦେଖିବାକୁ ଯାଇଛି । ନାଟକ, ଡ୍ରାମା, ପାଲା, ଦାଶକାଠିଆ ବାଦ୍ ସିନେମା ବି ଦେଖିଛି; କିନ୍ତୁ ଅଳ୍ପ ବୟସରେ ଦେଖିଥିବା ଜଣେ ଗ୍ରାମ୍ୟ ଯୁବକର ସେ ନିରୁତା ଅଭିନୟ ଦେଖିପାରିନି ।

ଏହାପରେ ଦିନେ ଶୁଣିଲି ଟଙ୍କ ଦା' ପଞ୍ଚାୟତର ସରପଞ୍ଚ ହୋଇଛି । ଭାବିଲି, ଜଣେ ସଚ୍ଚୋଟ ବ୍ୟକ୍ତି ନିଶ୍ଚେ ଭଲ କାମ କରୁଥିବ ।

ପାଞ୍ଚବର୍ଷ ଗଲା । ତା' ପର ନିର୍ବାଚନରେ ସେ ହାରିବା ଖବର ବି ପାଇଲି । ଭାବିଲି ଟଙ୍କ ଦା' ହାରିଲା କେମିତି ! କିନ୍ତୁ ଏହାପର ନିର୍ବାଚନରେ ସେ ସମସ୍ତଙ୍କୁ ବାଜିମାତ୍ କଲାଭଳି ଜିଲ୍ଲାପରିଷଦ ସଭ୍ୟ ହୋଇଗଲା । ତା' ଜିଣିବା ଖୁସିରେ ଭାବିଲି- ହଁ ନିଶ୍ଚୟ କିଛି ଗୋଟେ କରିବ ଟଙ୍କ ଦା' ।

ଜିଲ୍ଲାର ଜଣେ ଟାଣୁଆ ଯୁବନେତା ଭାବେ ବି ତା'ର ନାଁ ହୋଇସାରିଥିଲା । କିନ୍ତୁ ତାକୁ ଯେଉଁଦିନ ଭେଟିଲି, ସେଦିନ ହିଁ ମୋ'ର ସବୁଯାକ ସ୍ୱପ୍ନ ଭାଙ୍ଗି ଚୁରମାର୍ ହୋଇଗଲା ।

## ସଂଗୀତ ସାଧକ ସୁଶାନ୍ତ ନାଏକ : ଏକ୍ ନଜର୍




୨୩ ବର୍ଷ ବୟସର ସୁଶାନ୍ତ ନାଏକ । ଜନ୍ମସ୍ଥାନ ହେଉଛି ବୌଦ୍ଧ ଜିଲ୍ଲା ବାଉଁଶୁଣୀରେ । ତାଙ୍କ ଅଜା ବସନ୍ତ ନାଏକଙ୍କ ପ୍ରେରଣାରେ ସେ ସର୍ବଦା ଅନୁପ୍ରାଣିତ ବୋଲି ସ୍ୱୀକାର କରନ୍ତି । ତାଙ୍କ ଓଜନ ମାତ୍ର ୧୪ କିଲୋଗ୍ରାମ୍ । ଉଚ୍ଚତା ମାତ୍ର ୩ ଫୁଟ୍ । କିନ୍ତୁ ସଂଗୀତ ସାଧନା କ୍ଷେତ୍ରରେ ଖୁବ୍ ଉଚ୍ଚତାସଂପନ୍ନ ସୁଶାନ୍ତ । ତାଙ୍କ କଥାବାର୍ତ୍ତା ଯେତିକି ଶାଣିତ, ଦୃଷ୍ଟିଭଂଗୀ ବି ସେତିକି ତେଜିୟାନ୍ । ଆଖିକୁ କୁନ୍‌ମୁନ୍ ଦେଖା ଯାଉଥିବା ସୁଶାନ୍ତ କମେଡ଼ି କରିବାରେ ଯେମିତି ଓସ୍ତାଦ୍, ଗୀତ ଗାଇବାରେ ବି ସେମିତି ଚଂଚଳ ଓ ସଫଳ ମଧ୍ୟ । ଅନେକ ସ୍ଥାନରେ ପ୍ରୋଗ୍ରାମଗୁଡ଼ିକ ସଂଯୋଜନାରେ ବି ଭାଗ ନିଅନ୍ତି ଓ ଦେଖଣାହାରୀଙ୍କୁ ବିମୋହିତ କରି ପକାନ୍ତି । ତାଙ୍କ ମୁଖ୍ୟ ପ୍ରଦର୍ଶନ ହେଉଛି ଘୁଡ଼୍‌କା ନାଚ । ଘୁଡ଼୍‌କାର ତାଳେ ତାଳେ ନାଚିବା ଓ ଗାଇବା ତଥା ଦର୍ଶକଙ୍କୁ ଜମେଇ ଦେବାର କଳା ତାଙ୍କ ପାଖରେ ବେଶ୍ ମହଜୁଦ୍ । ବର୍ଷ ସାରା ତାଙ୍କ ପାଖରେ ପ୍ରୋଗ୍ରାମ୍ । ଆଜି ଏଇଠି ତ' କାଲି ସେଇଠି, ପୁଣି ପରଦିନ ଆଉ କେଉଁଠି । ଦିଲ୍ଲୀ, କଲିକତା, ଭୁବନେଶ୍ୱର, କଟକ ଆଦି ସ୍ଥାନରେ ଶତାଧିକ ପ୍ରୋଗ୍ରାମ୍ କରି ସେ ସୁନାମ ଅର୍ଜନ କରିଛନ୍ତି । ବର୍ଷା ଆଇ ଲଭ୍ ୟୁ, ପରହର୍ ଭାତେ କୁକୁର୍ ମାଡ଼୍ ଆଦି ଆଲ୍‌ବମ୍‌ରେ ମଧ୍ୟ ସେ ଅଭିନୟ କରିଛନ୍ତି । 'ଉଲ୍‌ଟା ପୁଲ୍‌ଟା ଧନୁଯାତ୍ରା'ରେ କଂସ ଭୂମିକାରେ ଅଭିନୟ କରି ସେ ସଫଳତା ଶୀର୍ଷ ଛୁଇଁବାରେ ସକ୍ଷମ ହୋଇ ପାରିଥିଲେ । କେବଳ ସେତିକି ନୁହେଁ, ବହୁଚର୍ଚ୍ଚିତ ତଥା ଆନ୍ତର୍ଜାତୀୟ ସବ୍ୟସାଚୀ ମହାପାତ୍ରଙ୍କ 'ଆଦିମ ବିଚାର' ଚଳଚ୍ଚିତ୍ରରେ ମଧ୍ୟ ସେ ଅଭିନୟ କରିଛନ୍ତି । ଅନ୍ୟମାନଙ୍କ ପରି ସେ ବି ବିବାହ କରିବାକୁ ଚାହାଁନ୍ତି ଗୋଟେ ଗୋଲାପ ଫୁଲ ପରି ଝିଅକୁ; ଯାହା ସେ ହସି ହସି କୁହନ୍ତି ଖୁବ୍ ସହଜରେ । ତାଙ୍କ ଭବିଷ୍ୟତ ଜୀବନ ମଧୁମୟ ହେଉ, ସଂଗୀତମୟ ହେଉ...ଏହା ହିଁ 'କୋଶଳ ପ୍ରବାହ' ପରିବାରର ଆନ୍ତରିକ କାମନା । ।

# ଏହି ଖାଦ୍ୟ ପଦାର୍ଥ ଜଣେ ବ୍ୟକ୍ତିଙ୍କୁ ଶୀଘ୍ର ବୃଦ୍ଧ କରିପାରେ : ବିଶେଷଜ୍ଞଙ୍କ ଚେତାବନୀ







ବାର୍ଦ୍ଧକ୍ୟ ଜନିତ ସମସ୍ୟାକୁ ଦୂର କରିବାକୁ, ଲୋକମାନେ ସେମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନକୁ ଗ୍ରହଣ କରିବା ଉଚ୍ଚିତ । ନିୟମିତ ବ୍ୟାୟାମ, ଚର୍ମର ଯତ୍ନ, ପର୍ଯ୍ୟାପ୍ତ ନିଦ ଏବଂ ବିଶ୍ରାମ ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ରଖିବା ପାଇଁ ଭଲ ଟିପ୍ସ । କିନ୍ତୁ ଆପଣ ଜାଣନ୍ତି କି, ଆମ ଖାଦ୍ୟରେ ଅନ୍ତର୍ଭୁକ୍ତ ଖାଦ୍ୟର ଗୋଟିଏ ଜିନିଷ ଆମକୁ ବୃଦ୍ଧାବସ୍ଥା ଆଡକୁ ଶୀଘ୍ର ଠେଲିବା ପାଇଁ ଉଦ୍ଦିଷ୍ଟ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ, ଯେଉଁମାନେ ଅଧିକ ଚିନି ଖାଉଛନ୍ତି, ସେମାନଙ୍କ ବୟସ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ଅଧିକ ଥାଏ ।

ଟଫ୍ଟ ୟୁନିଭରସିଟିର ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ଅଧିକ ଚିନି ମାନବ ବୟସ ସମ୍ବନ୍ଧୀୟ ରୋଗ ପାଇଁ ଦାୟୀ ହୋଇଥାଏ । ଅଧିକ ଚିନି ଶାରୀରିକ କ୍ଷମତାକୁ ମଧ ନଷ୍ଟ କରିଥାଏ ବୋଲି କହିଛନ୍ତି । ଏହିପରି, ଅଧିକ ଚିନି ଖାଦ୍ୟ ଆମ ସ୍ୱାସ୍ଥ୍ୟ ଉପରେ ଦ୍ୱିଗୁଣିତ କୁପ୍ରଭାବ ପକାଇଥାଏ ।

ଅନୁସନ୍ଧାନର ମୁଖ୍ୟ ଲେଖକ ତଥା ଟଫ୍ଟ ୟୁନିଭରସିଟିର ପ୍ରଫେସର ଆଲାନ୍ ଟେଲର କହିଛନ୍ତି ଯେ, ଏହି ଅଧ୍ୟୟନରେ ଆମେ ଅଧିକ ଚିନି ଖାଦ୍ୟ ମାନବଙ୍କ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଉଛି ତାହା ବୁଝିବାକୁ ଚେଷ୍ଟା କରିଛୁ । ଆମେ ଜାଣିଲୁ ଯେ ଶରୀରରେ ଅଧିକ ଚିନି ବୟସ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବଢ଼ାଇଥାଏ ।

ଅଧିକ ଚିନିଯୁକ୍ତ ଖାଦ୍ୟ ହୃଦ୍ ରୋଗ, ମଧୁମେହ ଏବଂ ବୟସ ସମ୍ବନ୍ଧୀୟ ମାକୁଲାର ଡିଜେରେସନ୍ ସମସ୍ୟା ସୃଷ୍ଟି କରେ । ମାକୁଲାର ଡିଜେରେସନ ହେଉଛି ଏକ ରୋଗ, ଯାହା ମଣିଷକୁ ଅନ୍ଧ କରିପାରେ ।

ପ୍ରକୃତରେ ଏକ ପ୍ରକାର ପ୍ରୋଟିନ୍ ଆମ କୋଷକୁ ସୁସ୍ଥ ରଖିବା ପାଇଁ ଶରୀରରେ କାମ କରେ । ଏହା ଆମ ଶରୀରର ସାନିଟାଇଜେସନ୍ ଦଳର ଏକ ଅଂଶ, ଯାହା ଉଚ୍ଚ ଚିନି ଡାଏଟ୍ କ୍ଷତିକାରକ ବାୟୋପ୍ରୋଡକ୍ଟ କ୍ଷତିକାରକ ଗ୍ଲାଇପ୍ରେସନ୍ ଏଣ୍ଡ୍ ପ୍ରଡକ୍ଟକୁ ଅପସାରଣ କରିଥାଏ ।

ଆମ ଶରୀରରେ ସେହି ପ୍ରୋଟିନ୍ ଯେତେ କମ୍ ହେବ, ସେତେ ଅଧିକ କ୍ଷତିକାରକ ଗ୍ଲାଇପ୍ରେସନ୍ ଏଣ୍ଡ୍ ପ୍ରଡକ୍ଟ ଜମା ହେବ । ଉଚ୍ଚ ଚିନି ଖାଦ୍ୟ କେବଳ ବୟସକୁ ବଢ଼ାଏ ନାହିଁ, ଏହା ଶରୀରକୁ କ୍ଷତି ପହଂଚାଏ । ଅଧିକ ଚିନି ବିଷାକ୍ତ ପଦାର୍ଥର ପରିମାଣ ସହିତ ଶରୀରକୁ ଅସୁରକ୍ଷିତ କରିଥାଏ ।

ଆଲାନ୍ ଟେଲର କୁହନ୍ତି, ଏହା ନୁହେଁ ଯେ ଶରୀରରେ ଚିନି ଆଦୌ ଆବଶ୍ୟକ ହୁଏ ନାହିଁ । କୌଣସି ପ୍ରକାରର ଚିନି ଖାଇବା ବନ୍ଦ କରିବା ମଧ ଆବଶ୍ୟକ ନୁହେଁ । ସର୍ବଦା ଖାଦ୍ୟକୁ ସନ୍ତୁଳିତ ରଖନ୍ତୁ । ଅନେକ ପ୍ରକାରର ଫଳ ଏବଂ ପନିପରିବା ମଧ୍ୟ ଖାଦ୍ୟରେ ରହିବା ଆବଶ୍ୟକ । ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ନିହାତି ଜରୁରୀ ।

# ପ୍ରେମିକାର ଏହି କଥା ଶୁଣିବା ପରେ ଦୂରେଇଗଲା ପ୍ରେମିକ





ଚେନ୍ନାଇ : ପ୍ରେମିକାର ଏହି କଥା ଶୁଣିବା ପରେ ଦୂରେଇ ଗଲା ପ୍ରେମିକ । ଯଦିବି ଅନ୍ୟମାନଙ୍କ ପାଇଁ ସାଧାରଣ ହୋଇପାରେ ଏହି ବିଷୟ, କିନ୍ତୁ ସେହି ପ୍ରେମିକକୁ ଜମା ପସନ୍ଦ ଲାଗି ନଥିଲା । ଧୀରେ ଧୀରେ ଦୂରେଇ ଯାଇଥିଲା ପ୍ରେମିକାଠାରୁ । ଚେନ୍ନାଇର ଏକ ଘଟଣା । କଲେଜ ଦିନଠାରୁ ପ୍ରେମରେ ଆବଦ୍ଧ ଥିଲେ ଦୁହେଁ । ଦୁହେଁ ଦୁହିଁଙ୍କ ପାଇଁ ସ୍ୱପ୍ନ ଦେଖୁଥିଲେ । ଭବିଷ୍ୟତରେ ବାହା ହୋଇ ସୁନ୍ଦର ସଂସାର ଗଢ଼ିବା ପାଇଁ ବି ମନସ୍ଥ କରିଥିଲେ । ଗୋଟିଏ ସହରର ଦୁହେଁ ଯେହେତୁ, ଭେଟପଡ଼ିବା ମଧ୍ୟ ତାଙ୍କ ପାଇଁ ନୀତିଦିନିଆଁ ସମ୍ଭବ ହୋଇ ପାରିଥିଲା । ସାଙ୍ଗ ହୋଇ ଫିଲ୍ମ ଦେଖିବା, ସମୁଦ୍ର କୂଳରେ ବୁଲିବା, ଘଂଟା ଘଂଟା ଧରି କଥାହେବା ଜାରି ରହୁଥିଲା ବର୍ଷ ବର୍ଷ ଧରି । ଏମାନଙ୍କ ପ୍ରେମକୁ ନେଇ ସର୍‌ଗରମ୍ ଚର୍ଚ୍ଚା ମଧ୍ୟ ଲାଗି ରହୁଥିଲା ସହରରେ । ଦୀର୍ଘ ୫ ବର୍ଷ କାଳ ଚାଲିଥିଲା ତାଙ୍କ ଭିତରେ ପ୍ରେମ । କିନ୍ତୁ ଏତେ ଆବଦ୍ଧତା ବି ସାରା ଜୀବନ ପାଇଁ ବାନ୍ଧି ରଖି ପାରିଲାନାହିଁ ସେମାନଙ୍କୁ । ପ୍ରେମିକା ସୋନମ୍‌ର ପାଟିରୁ ଏହି କଥା ପଦେ ଶୁଣି ଘୁଂଚିଗଲା ପ୍ରେମିକ ରୋସନ୍ ।

ଏକ ନିଛାଟିଆ ସ୍ଥାନରେ ବସି ଦୁହେଁ ଦିନେ କଥା ହେଉଥିଲେ । ପ୍ରେମିକ ଆବେଗର ସହ କହିଲା, ଭଗବାନଙ୍କ ମୋ' ଉପରେ ଖୁବ୍ ଦୟା ରହିଛି । ନହେଲେ ତୁମ ପରି ସୁନ୍ଦରୀ ଓ ମନ ଚିହ୍ନି ପାରୁଥିବା ପ୍ରେମିକାଟିଏ ପାଇବା କ'ଣ ସହଜ ? ପ୍ରେମିକା କିନ୍ତୁ ଏହି କଥାକୁ ସହଜରେ ଗ୍ରହଣ କରି ପାରିଲା ନାହିଁ । ସଂଗେ ସଂଗେ ଉତ୍ତର ଦେଲା – 'ତେବେ କ'ଣ ତୁମେ ଦୟାର ପାତ୍ର ?' ପ୍ରେମିକ ନିସଂକୋଚରେ ଉତ୍ତର ଦେଲା – 'ହଁ, ସବୁବେଳେ ।' ରାଗିଗଲା ପ୍ରେମିକା । କହିଲା – 'ମୁଁ କିନ୍ତୁ କାହାର ବି ଦୟାର ପାତ୍ର ନୁହେଁ ।' ଦୁହିଁଙ୍କ ଭିତରେ କଥା କଟାକଟି ହେଲା । ପ୍ରେମିକ ରୋସନ୍ ଖୁବ୍ ସଂସ୍କାରୀ ହୋଇଥିବା ଯୋଗୁଁ ସେ ତା' ଜିଦ୍‌ରେ ଅଟଳ ଥିଲା । କିନ୍ତୁ କଥା ଏତେ ବଢ଼ିଲା ଯେ, ଦୁହିଁଙ୍କ ଭିତରେ ଫାଟ ସୃଷ୍ଟି ହୋଇଗଲା । ଏହି ଯୁକ୍ତିତର୍କ ହିଁ ସେମାନଙ୍କ ସଂପର୍କରେ ପୂର୍ଣ୍ଣଚ୍ଛେଦ ଟିଏ ଅଦୃଶ୍ୟରେ ଟାଣି ଚାଲିଥାଏ, ସେମାନେ ଜାଣି ପାରିଲେ ନାହିଁ । ଧୀରେ ଧୀରେ ପ୍ରେମିକା ସୋନମ୍‌ଠାରୁ ଦୂରେଇ ଗଲା ପ୍ରେମିକ ରୋସନ୍ ।

# ଆମର ଥିଲା, ଆମକୁ ଦିଅ

ଝଡ଼ ତ ଝଡ଼ ହାଇକୋର୍ଟ ବେଞ୍ଚକୁ ନେଇ ସୁପାରିସ ପତ୍ରକୁ ନେଇ ଝଡ଼ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଖାମ୍ ଖିଆଲି ଢ଼ଙ୍ଗରେ ନିଜକୁ ଦାୟିତ୍ୱ ମୁକ୍ତ କରିବାକୁ ଯାଇ କେନ୍ଦ୍ରକୁ ହାଇକୋର୍ଟ ବେଞ୍ଚ ସ୍ଥାପନ ଲାଗି ସୁପାରିଶ ପତ୍ର ଲେଖିଲେ ତାହା ଏକ ମିଛ ତଥା ପ୍ରତାରଣା ଛଡ଼ା ଆଉ କିଛି ନୁହେଁ । ଏହି ପରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସହ ବିଚାର ବିମର୍ଷ କରି ହାଇକୋର୍ଟ ବେଞ୍ଚ ସ୍ଥାପନ ଲାଗି ସ୍ଥାନର ନାମ ଉଲ୍ଲେଖ କରିବା ଅତ୍ୟନ୍ତ ଆବଶ୍ୟକ ଥିଲା । ୧୯୫୬ ଷ୍ଟେଟ ରିଅର୍ଗନାଇଜେସନ ଏକ୍ଟ ଅନୁସାରେ ହାଇକୋର୍ଟ ବେଞ୍ଚ କେଉଁଠାରେ ହେବ ସେ ନେଇ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ସ୍ଥାନର ନାଁ ଉଲ୍ଲେଖ କରିବା କଥା । କିନ୍ତୁ ଏହା କରାନଯାଇ କେବଳ ସୁପାରୀଶ ପତ୍ର ଲେଖିଦେବାର ଅର୍ଥ ପଞ୍ଚମ ଓଡ଼ିଶା ଆନ୍ଦୋଳନକୁ ଏକ ଭୂୟାଁ ବୁଲାଇବା ଛଡ଼ା ଅନ୍ୟ କିଛି ନୁହେଁ । ଏହା କରାନଯାଇ କେବଳ ୨୮-୯ରେ ନାମକୁ ମାତ୍ର ଏକ ସୁପାରିଶ ପତ୍ର କେନ୍ଦ୍ରକୁ ପଠାଇଦେବା ଏକ ରାଜନୈତିକ ସଡ଼ଯନ୍ତ୍ର ଛଡ଼ା ଆଉ ଅନ୍ୟ କିଛି ନୁହେଁ । ଏ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଚିଠିର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ କପିଲ ଶିବଲ ତାଙ୍କ ଡ଼ିଓ ଚିଠି ନଂ ୟୁଏମ୍ ୧୮/୨୦୧୩/୧୦୦ ସିଏମ୍ ଗତ ୨୮-୯-୧୩ ଲେଖିଥିବା ଚିଠି ପ୍ରତି ଆପଣଙ୍କ ଧ୍ୟାନ ଆକର୍ଷିତା କରୁଛି । ଯେଉଁ ଦୁଇଟି ସ୍ଥାନରେ ବେଞ୍ଚ ପ୍ରତିଷ୍ଠା ହେବାପାଇଁ ପ୍ରସ୍ତାବ ଦେଇଛନ୍ତି ତାହା କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ହେବ ତାର ଭିତ୍ତିଭୂମି, ଜମି, ସମ୍ବଳ କର୍ମଚାରୀ ଓ ଅନ୍ୟ ସୁବିଧା ସୁଯୋଗ ରହିଛି କି ନାହିଁ ତାର ସବିଶେଷ ବିବରଣୀ ଦେବାର ଅନୁରୋଧ କରିବା ସହ ଯଶୱନ୍ତ ସିଂ କମିଶନଙ୍କ ସୁପାରିଶ ଏବଂ ସୁପ୍ରିମ କୋର୍ଟଙ୍କ ରାୟ ଅନୁଯାୟୀ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବାକୁ ଏବଂ ଏଥି ନିମନ୍ତେ ହାଇକୋର୍ଟର ଅନୁମତି ସରକାର ନେଇଛନ୍ତି କି ନାହିଁ ତାହା ଜଣାଇବାକୁ ଶ୍ରୀ ଶିବଲ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଅନ୍ୟ ପକ୍ଷରେ ଚିଠି ଉପରେ ଅନୁଧ୍ୟାନ ଲାଗି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏହାର ନକଲ ମଧ ପଠାଇଛନ୍ତି । ସଂପୂର୍ଣ୍ଣ ପ୍ରସ୍ତାବ ଆସିବା ପରେ ଆବଶ୍ୟକ ବିଚାର ବିମର୍ଶ କରାଯାଇ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯାଇପାରିବ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିରୁ ଜଣାଯାଏ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଶ୍ଚିମାଞ୍ଚଳର ଏହି ଦାବୀ ପ୍ରତି କେତେ ଦୂର ସଚେତନ, ନା କେବଳ ଧର୍ମକୁ ଆଖି ଠାର କରି ଗାଦି ବଞ୍ଚାଇବା ପାଇଁ ଚେଷ୍ଟା କରିବା ସହ କେନ୍ଦ୍ରକୁ ଦୋଷ ଦେଇ ବୈତରଣୀ ପାର ହେଉଛନ୍ତି ।

ଏ ପରିପ୍ରେକ୍ଷୀରେ ଯଶୋଓ୍ୱନ୍ତ ସିଂ ଏବଂ ପାଲ କମିଶନଙ୍କ ରିପୋର୍ଟ ଅନୁଯାୟୀ ପଶ୍ଚିମାଞ୍ଚଳରେ ଅର୍ଥାତ୍ ବଲାଙ୍ଗିର ଠାରେ ହାଇକୋର୍ଟ ହେବା ନିତାନ୍ତ ଭାବରେ ଯଥାର୍ଥ ଏବଂ ଯୁକ୍ତିଯୁକ୍ତ । କାରଣ ଗଡ଼ଜାତ ମିଶ୍ରଣ ପୂର୍ବରୁ ହାଇକୋର୍ଟ ବେଞ୍ଚ ଏଠାରେ କାର୍ଯ୍ୟ କରୁଥିଲା ତେଣୁ ଯଥାର୍ଥରେ ଏହା କୁହାଯାଇପାରେ "ଆମର ଥିଲା ଆମକୁ ଦିଅ'' ।

ବଲାଙ୍ଗିରରେ ହାଇକୋର୍ଟ ବେଂଚ ସ୍ଥାପନକୁ ନେଇ ଏବେ ବି ଜୋର୍ ଚାଲିଛି ଦାବୀ । ସରକାର ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ସରକାର ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।

## ଅତିରିକ୍ତ କୃଷି ଶାସନ ସଚିବଙ୍କ ବଲାଙ୍ଗିର ଗସ୍ତ : ମହିଳା ଗ୍ରାମ୍ୟ ବିହନ ଭଣ୍ଡାରର ବିକ୍ରୟ କେନ୍ଦ୍ର ଓ ଫସଲ ପ୍ରଦର୍ଶନ କ୍ଷେତ ପରିଦର୍ଶନ

ବଲାଙ୍ଗିର, (ନିପ୍ର) : ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ମନ୍ମଥ କୁମାର ପାଣି ଗତ ଡିସେମ୍ବର ୩ ତାରିଖରେ ବଲାଙ୍ଗିର ଜିଲ୍ଲା ଗସ୍ତ ସମୟରେ ଆନ୍ତର୍ଜାତୀୟ ଶୁଷ୍କାଂଚଳ କୃଷି ଗବେଷଣା ସଂସ୍ଥା (ଆଇକାର୍ଡ) ଦ୍ୱାରା ଓଡ଼ିଶା ଡାଲି ଉନ୍ନୟନ ପ୍ରକଳ୍ପ (ଓପିଡ଼ିପି)ରେ ଚାଷ କରାଯାଇଥିବା ବିଭିନ୍ନ ଡାଲି ଫସଲର ପ୍ରଦର୍ଶନ କ୍ଷେତ ବୁଲି ଦେଖିଥିଲେ । ବଲାଙ୍ଗିର ବ୍ଲକ୍‌ର ଭୁଣ୍ଡିମୁହାଣ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସରଗାଡ଼ପାଲି ଗ୍ରାମରେ ମା' ଭବାନୀ ଗ୍ରାମ୍ୟ ବିହନ ଭଣ୍ଡାର ଦ୍ୱାରା ପରିଚାଳିତ ମଡ଼େଲ ଡାଲି ବିହନ ବିକ୍ରୟ କେନ୍ଦ୍ର ପରିଦର୍ଶନ କରି ସେ ମହିଳା ସଭ୍ୟାମାନଙ୍କ ସହ ସେମାନଙ୍କ ବ୍ୟବସାୟିକ ପରିଚାଳନା ଓ ସଫଳତା ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ପାଣି ପାଟଣାଗଡ଼ ଆତ୍ମା ତାଲିମ ଗୃହରେ ଆୟୋଜିତ ଏକ 'କୃଷକ କ୍ଷେତ୍ର ଦିବସ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗର ସହଯୋଗରେ ଓ ଆଇକାର୍ଡ଼ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ କାର୍ଯ୍ୟକ୍ରମର ହିତାଧିକାରୀ ଚାଷୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଆଇକାର୍ଡ଼ର ମୁଖ୍ୟ ବୈଜ୍ଞାନିକ ତଥା ଡାଲି ଜାତୀୟ ଶସ୍ୟ ଗବେଷଣା ସଂସ୍ଥାର ପରିଚାଳକ ଡ. ନିଗମାନନ୍ଦ ସ୍ୱାଇଁ, ବଲାଙ୍ଗିର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ମହାନ୍ତି, ଜଳଛାୟା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର, ବୈଜ୍ଞାନିକ ଡ. ସରୋଜ ସ୍ୱାଇଁ, ଡ. ନାଗେଶ ବାରିକ, ବିହନ ପ୍ରମାଣନ ଅଧିକାରୀ ବିବେକାନନ୍ଦ ଶତପଥୀ ତଥା ପାଟଣାଗଡ଼ ପଂଚାୟତ ସମିତି ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକ ଅତିଥି ତଥା ବକ୍ତା ଭାବରେ ଯୋଗ ଦେଇଥିଲେ ।

ଗସ୍ତ ସମୟରେ ଶ୍ରୀ ପାଣି ଗ୍ରାମରେ ଥିବା କଣ୍ଟାବିହୀନ ନାଗଫେଣୀ ନର୍ସରୀ ପରିଦର୍ଶନ କରିବା ସହିତ କଅଁଳିଆ ନାଗଫେଣୀକୁ କାଟି ଗୋଖାଦ୍ୟ ରୂପେ ବ୍ୟବହାର ହେଉଥିବା ଓ ଗାଈମାନେ ତାକୁ ଆଗ୍ରହର ସହ ଖାଉଥିବା ଦେଖିଥିଲେ, ଯାହାକୁ ଦେଖି ସମସ୍ତେ ଆଗ୍ରହୀ ହୋଇଥିଲେ ।

# ବିଜୁ ଜନତା ଦଳର ବହୁ କର୍ମୀ ବିଜେପିରେ ସାମିଲ



ପଦ୍ମପୁର, (ନିପ୍ର) : ପାଇକମାଲ ବ୍ଲକ ଅନ୍ତର୍ଗତ ମାଣ୍ଡେତୋସିଲ ଗ୍ରାମ କାଗୋଗୁଛାର ବିଜୁ ଜନତା ଦଳର ବହୁ ସକ୍ରିୟ କର୍ମୀ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଉପସ୍ଥିତରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଆଜି ସୋମବାର ଦିନ କାଗୋଗୁଛାକୁ ପୂର୍ବତନ ବିଧାୟକ ଶ୍ରୀ ପୁରୋହିତ ଆସିଥିବା ଅବସରରେ ବିଜୁ ଜନତା ଦଳ ପ୍ରତି ଅସନ୍ତୋଷ ପ୍ରକାଶ କରି ସର୍ବଶ୍ରୀ ଚନ୍ଦ୍ର ଶେଖର ମାଝୀ, ଦୁତିଆ ରଣା, ନୁରେଶ୍ୱର ରଣା, ଭୂଗୋଳ ମାଝୀ, ଧନ ସିଂ ମାଝୀ, କୁମଧର ମାଝୀ, ଫଗନୁ ମାଝୀ, ହାଡୁ ପାର୍ଥର, ରୋଦନ ମାଝୀ, ଲିଙ୍ଗରାଜ ମାଝୀ ଓ ମାଣ୍ଡେତୋସିଲ ଗ୍ରାମ ପଂଚାୟତ ନାଏବ ସରପଂଚ ଛେଗଶଆ ପାର୍ଥର ବିଜେପିରେ ସାମିଲ ହୋଇଥିଲେ । କାଗୋଗୁଛା ଠାରେ 'ଆମ ଗାଁ ଆମ ବିକାଶ' ଯୋଜନାରେ ୩ଲକ୍ଷ ଟଙ୍କାରେ ନିର୍ମିତ କଲ୍ୟାଣ ମଣ୍ଡପ ଓ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡି ସେ[ର ଅର୍ଦ୍ଧ ନିର୍ମିତ ହୋଇଥିବା ଓ ସମସ୍ତ ଟଙ୍କା ଉଠାଇ ନିଆ ଯାଇଥିବା ଅଭିଯୋଗ ଗ୍ରାମବାସୀ କରିଥିଲେ ।

ଏହାର ତଦନ୍ତ ପାଇଁ ପୂର୍ବତନ ବିଧାୟକ ଶ୍ରୀ ପୁରୋହିତ ପାଇକମାଲ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜଙ୍ଗଲରେ ହାତୀ ଛୁଆର ମୃତ୍ୟୁ : ଗଳିତ ଶବ ଉଦ୍ଧାର



ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ନାରାୟଣପୁର ଫରେଷ୍ଟ ବିଟ୍ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଥିବା ଜଣାପଡିଛି । ମେଣ୍ଡା ନିକଟସ୍ଥ ବାରପାହାଡ ସଂରକ୍ଷିତ ଜଙ୍ଗଲ ପାହାଡ ଖୋଲରୁ ଏହି ହାତୀ ଶବଟିକୁ ଜଙ୍ଗଲ ବିଭାଗ ଠାବ କରିଛି । ମୃତ ହାତୀର ଆନୁମାନିକ ବୟସ ୨ରୁ ୩ ବର୍ଷ ହେବ ବୋଲି ଜଣା ପଡିଛି । ଘଟଣା ଦିନ ସନ୍ଧ୍ୟାରେ ହାତୀର ମୃତ ଦେହ ପଡ଼ିଥିବା ବନ ବିଭାଗ ଖବର ପାଇଥିଲେ ହେଁ ରାତି ଯୋଗୁଁ ଶବ ବ୍ୟବଚ୍ଛେଦ ହେବାରେ ଅସୁବିଧା ହୋଇଥିଲା । ସକାଳୁ ଜିଲ୍ଲା ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିଛନ୍ତି ।

ବନ ବିଭାଗ ସହ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଡାକ୍ତରୀଦଳ ପହଂଚି ଏବେ ମୃତ ହାତୀର ଶବ ବ୍ୟବଚ୍ଛେଦ ଆରମ୍ଭ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ପରେ ହାତୀ ମୃତ୍ୟୁ ଘଟଣାର ରହସ୍ୟ ଜଣାପଡିବ ବୋଲି ସଫେଇ ଦେଇଛନ୍ତି ସୁବର୍ଣ୍ଣପୁର ଡିଏଫଓ ।

# ସୁଶୀଲ କୁମାର ବାଗଙ୍କ 'ନାୟକ'.... (୫ମ ପୃଷ୍ଠାରୁ)

ନିଜେ ଟଙ୍କ ଦା' ମୋତେ କହିଲା- ନା ରେ ଭାଇ, ଏଠି ଚାହିଁଲେ ବି କିଛି କରିହେବନି । ଦେଖ୍, ଠିକାଦାର କାମ କରୁଛି । ତାକୁ ଭଲ କାମ କର୍ ବୋଲି କହିଲେ ସେ ଜବାବ ଦେବ, ଜେଇ, ଏଇ ଓ ବିଭାଗୀୟ ଅଫିସରଙ୍କୁ ପିସି ଦେବି କେମିତି ?

ଡାକ୍ତରଖାନାରେ ଡାକ୍ତର ନାହାନ୍ତି ଅଭିଯୋଗ କଲେ ଉତ୍ତର ମିଳିବ ସାରା ରାଜ୍ୟରେ ଡାକ୍ତର ଅଭାବ । ଡାକ୍ତରଙ୍କୁ ସରକାର ଗୋଡ଼େହାତେ ପଡ଼ି କେବିକେ ଏରିଆକୁ ଯାଅ କାମ କର, ତମକୁ ଡବଲ୍ ଦରମା ଦିଆଯିବ, ଭତ୍ତା ଦିଆଯିବ ବୋଲି ନେହୁରା ହେଉଛନ୍ତି । କିନ୍ତୁ ଡାକ୍ତର ବିଚରାମାନେ ଜଏନ୍ କରିଦେଲେ କାମ ସରିଲା । ହସ୍ପିଟାଲ୍‌ରେ କମ୍, କ୍ଲିନିକ୍‌ରେ ବେଶୀ ସମୟ ରହିବେ । ଏମ୍‌ଆର୍ ମାନଙ୍କଠାରୁ ଭଲଭଲ ଉପହାର ନେଇ ସେଇ ନିର୍ଦ୍ଦିଷ୍ଟ କମ୍ପାନୀର ଦାମିକା ଦାମିକା ଔଷଧ ଲେଖିବେ । ତାପରେ ଗୋଟେ କି ଦୁଇଟା ଇଞ୍ଜେକ୍‌ସନ୍ କି ବଟିକାରେ ଛାଡ଼ିବା ରୋଗ ପାଇଁ ବି ଲେଖିବେ ଫର୍ଦ୍ଦଫର୍ଦ୍ଦ ମେଡ଼ିସିନ୍ । ଅଭିଯୋଗ କଲେ ପିଜି ବାହାନାରେ ସ୍ଥାନତ୍ୟାଗ କରିବେ ।

ଶିକ୍ଷକ କଥା । ରେଗୁଲାର୍ ହେଲେ ସ୍କୁଲ ଗଲେ କେତେ, ନଗଲେ କେତେ ! କିଏ ବା ଦରମା ବନ୍ଦ କରିବ ? କ୍ଲରିକାଲ୍ ଷ୍ଟାଫ୍ ସବୁ ହାତେ । କିଛି ହାତଗୁଞ୍ଜା ଦେଲେ ସାତଖୁଣ୍ ମାଫ୍ । ହଁ ଗଣଶିକ୍ଷକ, ଏସ୍‌ଏସ୍ ହେଲେ ବିଚରାମାନେ ଟିକେ କଥା ଶୁଣିବେ । ଆଉ ନହେଲେ କହିବେ କେତେ ଦରମା ମିଳୁଛି । ସରକାର ସମସ୍ତଙ୍କୁ ପାଠ ପଢ଼ ବୋଲି ସିନା କହୁଛନ୍ତି, କାହିଁ ଶିକ୍ଷକଙ୍କୁ ସମାନ ଦରମା ଦେଉନାହାନ୍ତି ?

ତମେ କଣ କହିବ କୁହ ? ସ୍କୁଲ୍ ଖୋଲିଲେ ପିଲା ନାହିଁ । ପିଲା ଆସିଲେ ମାଷ୍ଟ୍ରଙ୍କ ଦେଖାନାହିଁ । କାହାକୁ କହିବ କୁହ । ମାନେ କହିବ କାହାକୁ ଶୁଣିବ କିଏ ?

ମୁଁ କହିଲି- ଦା' ତମ ହାତରେ ପାଓ୍ୱାର୍ ଅଛି, ତମେମାନେ ଚାହିଁଲେ ପରିସ୍ଥିତିରେ ଉନ୍ନତି ଆସିବ ।

ମୋ' କଥା ଶୁଣି ଟଙ୍କ ଦା' ହସିଲେ । ଗୋଟେ ବେଫିକର୍ ହସ । ଠିକ୍ ସେ ଡ୍ରାମାର ହୀରୋ ଭଳି ।

କହିଲେ, ହଁ ମୁଁ ବି ଦିନେ ଭାବୁଥିଲି ମୋ' ହାତକୁ କ୍ଷମତା ଆସୁ ମୁଁ ସବୁ ବଦଳାଇଦେବି । ସବୁକୁ ଠିକ୍ କରିଦେବି । କିନ୍ତୁ ସବୁ ବେକାର କଥା ଭାଇ । ସବୁ ଖାଲି ମାୟାରେ ବାୟା । ହଜାରେ ସମସ୍ୟା ତା' ଉପରକୁ ଉପରକୁ ଗୁନ୍ଥିହୋଇ ରହିଛି । ଯାକୁ ସମାଧାନ କଲେ ଆଉଗୋଟେ, ତାକୁ ସମାଧାନ କଲେ ଆଉଗୋଟେ । ଏମିତି ଗୋଟିଏ ପରେ ଗୋଟିଏ ବାହାରିବ । ଠିକ୍ ପାଣ୍ଡୋରା ବାକ୍ସ ଭଳି ।

ସାଧାରଣ ଲୋକ କଥା ଛାଡ଼, ଲୋକ ପ୍ରତିନିଧିମାନେ ମଧ୍ୟ ବିଭିନ୍ନ ସମସ୍ୟାକୁ ନେଇ ଘାଣ୍ଟି ହେଉଛନ୍ତି । ସରକାରଙ୍କ ବ୍ୟବସ୍ଥାରେ ବି ଗୋଟେ ମସ୍ତବଡ଼ କେଁ । ତା'ର ସମାଧାନ କାହା ହାତରେ ନାହିଁ । ଖାଲି ଗୋଟେ ପୋଷ୍ଟ୍‌ରେ ଅଛି ବୋଲି ଖୁସି ହେବାକଥା ।

ମୁଁ ଟଙ୍କ ଦା'ଙ୍କର ଏହି କଥାସବୁ ଶୁଣୁଥିଲି । ଭାବୁଥିଲି, ଟଙ୍କ ଦା' ଆଉ ଗୋଟେ ଡ୍ରାମାରେ ଅଭିନୟ କରୁଛି । ଡାଏଲଗ୍ କହୁଛି । ଅଭିନୟ କରୁଛି ଲାଞ୍ଜିଗଡ ଦଶରାର ଦୁଷ୍ମନ୍ତ ଚରିତ୍ର ପରି । ମୁଁ ଏକାତ୍ମ ହୋଇଯାଉଥିଲି ସେଇ ଚରିତ୍ର ସହ ।

ହଠାତ୍ ମୋ' ହାତ ଧରି ହଲାଇଦେଲା ଟଙ୍କ ଦା' ।

**ନର୍ଲା, କଳାହାଣ୍ଡି**

# ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣ୍ଡାବଜା କଳାକାର ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣ୍ଡାବଜା କଳାକାର ଚିହ୍ନଟ ପ୍ରକିୟା ଆରମ୍ଭ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀଙ୍କୁ ଏ ସଂକ୍ରାନ୍ତରେ ପଚରା ଯିବାରୁ କହିଛନ୍ତି ଯେ, ୭ଟି ବ୍ଲକ୍ ଓ ବଲାଙ୍ଗିର ମ୍ୟୁନିସିପାଲିଟିରେ ଗଣ୍ଡାବଜା କଳାକାର ଚିହ୍ନଟ ସମାପ୍ତ ହୋଇଯାଇଛି ।

ବାକି ବ୍ଲକ୍‌ର କାମ ମଧ୍ୟ ଶୀଘ୍ର ହୋଇଯିବ । ମିଳିଥିବା ସୂଚନା ଅନୁସାରେ ପାଟଣାଗଡ଼ ବ୍ଲକ୍‌ରୁ ୧୬୩ ଜଣ, ତୁରେକେଲା ବ୍ଲକ୍‌ରୁ ୨୭୭ ଜଣ, ପୁଇଁନ୍ତଲା ବ୍ଲକ୍‌ରୁ ୧୧୩ ଜଣ, ମୁରିବାହାଲ ବ୍ଲକ୍‌ରୁ ୨୫୭ ଜଣ, ସଇଁନ୍ତଲା ବ୍ଲକ୍‌ରୁ ୧୪୬ ଜଣ, ଟିଟିଲାଗଡ଼ ବ୍ଲକ୍‌ରୁ ୨୦୫ ଜଣ, ବଙ୍ଗୋମୁଣ୍ଡା ବ୍ଲକ୍‌ରୁ ୨୫୭ ଜଣ ଓ ବଲାଙ୍ଗିର ମ୍ୟୁନିସିପାଲିଟି ଅଂଚଳରୁ ୬ ଜଣଙ୍କୁ ଚିହ୍ନଟ କରାଯାଇଛି । ତେବେ ଗଣ୍ଡାବଜା କଳାକାରମାନଙ୍କୁ ସଂଗଠିତ କରି ସେମାନଙ୍କ ଉନ୍ନତି ସକାଶେ ଘୂର୍ଣ୍ଣାୟମାନ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଥିବା ସୂଚନାରେ କୁହାଯାଇଛି ।


# ମା' ଦୁର୍ଗା କ୍ରିକେଟ୍ କ୍ଲବ୍ ପକ୍ଷରୁ ୩୧ତମ ଟୁର୍ଣ୍ଣାମେଣ୍ଟ ଆୟୋଜିତ

ବଲାଙ୍ଗିର, (ନିପ୍ର) : ନିକଟସ୍ଥ ବୈଦିପାଲି ଖେଳପଡ଼ିଆରେ ଆଜି ମା' ଦୁର୍ଗା କ୍ରିକେଟ୍ କ୍ଲବ୍ ପକ୍ଷରୁ ୩୧ତମ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଦୀର୍ଘ ୫ ଦିନ ବ୍ୟାପୀ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ଭାବେ ସ୍ଥାନୀୟ ୟୁ.ପି. ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଖମାରୀ ଉଦ୍‌ଘାଟନ କରିଥିଲେ । ଉକ୍ତ ଉତ୍ସବରେ ମା' ଦୁର୍ଗା କ୍ରିକେଟ୍ କ୍ଲବ୍‌ର ସଭାପତି ତ୍ରିଲୋଚନ ମେର୍ଲି, ଗ୍ରାମ୍ୟ ରାମ୍‌ଜୀ ପାର୍ଟି ପୂର୍ବତନ ସଭାପତି ବସୁଦେବ ସା' ତଥା ଅନ୍ୟାନ୍ୟ ନେତୃବୃନ୍ଦ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୨୪ଟି ଗାଁର କ୍ରିକେଟ୍ ଖେଳାଳୀ ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି । ସ୍ଥାନୀୟ ଯୁବକ ଠଣ ସାହୁ, ସତ୍ୟବାନ ମେର୍ଲି, ନୃତ୍ୟ ରାଉତ, ପ୍ରଦୀପ ଯୁଏଡ଼, ସୁଶୀଲ କୁମାର ସାହୁ, ବିରେନ ବେହେରା, ବିଶ୍ୱଜିତ୍ ମେଶ୍ରା, ମଣ୍ଟୁ ଭୁଏ, ବିକାଶ ଲୁହା, ଶତୃଘ୍ନ ଭୁ. ଲିଟୁ ଗୁରୁ, ଅନିଲ ଭୁଏ, ମୁକେଶ ସାହୁ, ସୁନୀଲ ତୁମୁନିଆଁ ତଥା ଅନ୍ୟାନ୍ୟ ଖେଳାଳୀ ବୃନ୍ଦ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ।

# ଖଲିଆପାଲି କପ୍ ୨୦୨୦-୨୧ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ

ବଲାଙ୍ଗିର, (ନିପ୍ର) : ଖଲିଆପାଲି କ୍ରିକେଟ ଏସୋସିଏନ ଆନୁକୂଲ୍ୟରେ ଆଜି ୬ ଓଭର ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟରେ ଆଠ ଗୋଟି ଦଳ ଅଶଂଗ୍ରହଣ କରିଥିଲେ । ଏହି ଟୁର୍ଣ୍ଣାମେର୍ଟରେ ଥାଲବନ୍ଧ ଦଳ ବିଜେତା ଏବଂ ଉପରଝ ଦଳ ଉପବିଜେତା ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ କାଉନସିଲର ତଥା ଶ୍ରମିକ ନେତା ଶମ୍ଭୁ ନାଗ, ସମ୍ମାନିତ ଅତିଥି ଭାବେ ମନୋଜ ନାଏକ ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ କାଉନସିଲର ସତ୍ୟପ୍ରିତ ପାତ୍ର ଆମନ୍ତ୍ରିତ ହୋଇଥିଲେ ।

ତେବେ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଦ୍ୟୁମ୍ନ ବିଶ୍ୱାଲ, ହିମାଂଶୁ ଶେଖର ବିଶ୍ୱାଲ, ଶମ୍ଭୁ, ରବିନ୍ଦ୍ର, ସରୋଜ, ଗୋପାଳ ସାହୁ,ପ୍ରଶାନ୍ତ ପଧାନ, ଜ୍ଞାନ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।






Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com